ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ମଙ୍ଗଳବାର ୨୭ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 27 JUNE 2023
Vol.No. 35 ■ No. 168■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ଓସଆରଟିସି ଓ ଯାତ୍ରୀବାହୀ ବସ୍ ମୁହାଁମୁହିଁ ଧକ୍କା: ୧୨ ମୃତ, ୮ ଆହତ

## ⇨ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ
## ⇨ପୂର୍ବତନ ସାଂସଦଙ୍କ ୧୧ ସମ୍ପର୍କୀୟ ମୃତ



ଦିଗପହଣ୍ଡି, ୨୬/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଖେମୁଣ୍ଡି କଲେଜ ନିକଟରେ ଗତକାଲି ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୧୨ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୭ ଜଣ ରହିଥିବା ସୂଚନା ମିଳିଛି। ଏଥିସହିତ ଦୁଇ ବସ୍‌ର ଅନେକ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଜଣେ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ଅବସ୍ଥାରେ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୧୦ ଜଣଙ୍କର ମୃତ୍ୟୁ ସୂଚନା ଆସିଥିବା ବେଳେ ପରେ ଏହା ୧୨କୁ ବୃଦ୍ଧି ପାଇଥିବା ସ୍ଥାନୀୟ ପୁଲିସ ସୂତ୍ରରୁ ପ୍ରକାଶ। ପ୍ରାଥମିକ ସୂଚନା ଅନୁସାରେ, ରାୟଗଡ଼ାରୁ ଭୁବନେଶ୍ୱର ଯାଉଥିବା ଓଏସ୍ଆରଟିସି ବସଟି ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅନ୍ତର୍ଗତ ଖେମୁଣ୍ଡି କଲେଜ ଛକ ନିକଟରେ ବିବାହ ପରେ କନ୍ୟାକୁ ଛାଡ଼ି ବ୍ରହ୍ମପୁରରୁ ଫେରୁଥିବା ଏକ ଘରୋଇ ମିନିବସ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି ବୋଲି ଖବର ମିଳିଛି । ଘଟଣା ସଂପର୍କରେ ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଛନ୍ତି। ସେଠାରେ ସେମାନଙ୍କର ଚିକିତ୍ସା ଜାରି ରହିଛି। ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆହତମାନଙ୍କୁ ୩୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇଥିବା ସୂଚନା ରହିଛି। ତେବେ ଏହି ଘଟଣା ସଂପର୍କରେ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୧୦ ବୋଲି ପ୍ରକାଶ ପାଇଛି। ଆହତମାନଙ୍କର ଚିକିତ୍ସା ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଚାଲିଥିବା ଏଆରସିଙ୍କ ପକ୍ଷରୁ କହାଯାଇଛି। ବ୍ରହ୍ମପୁର ବଡଡ଼ାକ୍ତରଖାନାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଏସପି ଡା.ସରବଣା ବିବେକ ଏମ୍ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ପହଞ୍ଚି ତଦାରଖ କରୁଛନ୍ତି।

# ପିଏମ୍ ଆବାସ ଦୁର୍ନୀତିର ସିବିଆଇ ତଦନ୍ତ ଦାବି କଲା ବିଜେପି

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରିଛି ଭାରତୀୟ ଜନତା ପାର୍ଟି । ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦାବି କରିଛନ୍ତି। ସେ କହିଛନ୍ତି ଯେ ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖନ୍ତୁ । ପିଏମ୍ ଆବାସ ବଣ୍ଟନ ପାଇଁ ବିଜେଡି ଟଙ୍କା ଆଦାୟ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ଲୋକଙ୍କ ଠାରୁ ୨୦ରୁ ୨୫ ହଜାର ଟଙ୍କା ଚାନ୍ଦା ଆଦାୟ କରୁଛି । ରାଜନୀତି କାରଣରୁ ବଞ୍ଚିତ ଲୋକଙ୍କୁ ତୁରନ୍ତ ପକ୍କା ଘର ଦିଅନ୍ତୁ ବୋଲି କହିବା ସହ ସେ ଭିତରେ ନ ଦେଲେ ସବୁ ବ୍ଲକରେ ବିଜେପି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

# ଓପିଏସସିରେ ୨ ସଦସ୍ୟଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ଓଡିଶା ଲୋକସେବା ଆୟୋଗ (ଓପିଏସସି)ରେ ୨ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓ ଗୌରାଙ୍ଗ ଚରଣ ସାହୁଙ୍କୁ ଓପିଏସସି ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ଉଭୟ ୬ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ। ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓୟୁଏଟି ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ। ସେହିପରି ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଭାବେ ଅବସର ନେଇଛନ୍ତି ଗୌରାଙ୍ଗ ସାହୁ ।ଉଭୟଙ୍କ ନିଯୁକ୍ତି ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୩୦ ଜୁନ୍ ଯାଏଁ ବଢ଼ିଲା ଯୁକ୍ତ ୨ ଆଡ୍‌ମିଶନ୍ ଆବେଦନ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ନୂତନ ଭାବେ ସ୍ୱୀକୃତି ପାଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ିବାର ସୁଯୋଗ ଦେବା ନିମନ୍ତେ ତଥା ଅଭିଭାବକମାନଙ୍କ ଅନୁରୋଧ ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକାଦଶ ଶ୍ରେଣୀ ପାଇଁ ସାମସ୍ ପୋର୍ଟାଲ www.samsodisha.gov.in ଜରିଆରେ ଆବେଦନ ତାରିଖକୁ ଜୁନ ୨୬ ତାରିଖ ପରିବର୍ତ୍ତେ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପରିବର୍ତ୍ତିତ ସୂଚୀ ଅନୁଯାୟୀ ପ୍ରଥମ ମେଧା ତାଲିକା ୨୦୨୩ ଜୁଲାଇ ୬ ତାରିଖ ଦିନ ପ୍ରକାଶ ପାଇବ । ପ୍ରଥମ ପର୍ଯ୍ୟାୟ ଆଡ୍‌ମିଶନ୍ ଯଥାକ୍ରମେ ୨୦୨୩ ଜୁଲାଇ ୭ରୁ ଆରମ୍ଭ ହୋଇ ଜୁଲାଇ ୧୩ ତାରିଖ ମଧ୍ୟରେ ଶେଷ ହେବ । ଦ୍ୱିତୀୟ ମେଧା ତାଲିକା ୨୦୨୩ ଜୁଲାଇ ୧୯ ତାରିଖରେ ପ୍ରକାଶ କରାଯିବା ସହିତ ଏହାର ଆଡ୍‌ମିଶନ୍ ପ୍ରକ୍ରିୟା ଜୁଲାଇ ୨୨ ତାରିଖ ସୁଦ୍ଧା ଶେଷ କରାଯିବ। ସେହିପରି ଅନ୍‌ଲାଇନ୍ ସ୍ପଟ୍ ଆଡ୍‌ମିଶନ ପ୍ରକ୍ରିୟା ଜୁଲାଇ ୨୧ରୁ ଆରମ୍ଭ ହୋଇ ଜୁଲାଇ ୨୭ ତାରିଖ ସୁଦ୍ଧା ସଂପାଦନ କରାଯିବ । ପରିବର୍ତ୍ତିତ ସୂଚୀ ଅନୁଯାୟୀ ଅଗଷ୍ଟ ୧ ତାରିଖରେ ଏକାଦଶ ଶ୍ରେଣୀର ପାଠପଢ଼ା ଆରମ୍ଭ କରାଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶାଙ୍କ ତଥ୍ୟ ଅନୁସାରେ ଅଦ୍ୟାବଧି ସାମସ୍ ପୋର୍ଟାଲ ଜରିଆରେ ୪ ଲକ୍ଷ ୬୩ ହଜାର ୫୦୦ ଜଣ ଆବେଦନକାରୀ ଯୁକ୍ତ-୨/ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଆବେଦନ ପତ୍ର ଦାଖଲ କରିଛନ୍ତି।

# କେସିଆରଙ୍କୁ ଝଟକା: କଂଗ୍ରେସରେ ମିଶିଲେ ୧୨ରୁ ଅଧିକ ପୂର୍ବତନ ମନ୍ତ୍ରୀ ଓ ବିଧାୟକ



ନୂଆଦିଲ୍ଲୀ, ୨୬/୦୬ : ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ଓ ତାଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ର ସମିତିକୁ ଲାଗିଛି ବଡ଼ ଝଟକା। ସୋମବାର ୧୨ରୁ ଅଧିକ ପୂର୍ବତନ ମନ୍ତ୍ରୀ, ବିଧାୟକ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ତା' ପୂର୍ବରୁ ଏହି ନେତାମାନେ ଦଳ ପରିବର୍ତ୍ତନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଏହି ନେତାମାନେ ଦଳରେ ଯୋଗ ଦେଇଛନ୍ତି। ବିଆରଏସ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ନେତାଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ସାଂସଦ ପି. ଶ୍ରୀନିବାସ ରେଡ୍ଡୀ, ପୂର୍ବତନ ମନ୍ତ୍ରୀ ଜୁପାଲୀ କୃଷ୍ଣରାଓ, ପୂର୍ବତନ ବିଧାୟକ ପାନୟମ ଭେଙ୍କଟେଶ୍ୱରଲୁ, କୋରାମ କନକେ, କୋଟା ରାମ ବାବୁ, ରାକେଶ ରେଡ୍ଡୀ ଓ ବିଆରଏସ୍ ବିଧାନ ପରିଷଦ ସଦସ୍ୟ ନରସା ରେଡ୍ଡୀଙ୍କ ପୁଅ। ପାଟନାରେ ଅନୁଷ୍ଠିତ ବିରୋଧୀଙ୍କ ମେଗା ବୈଠକରେ ବିଆରଏସ୍ ଅନୁପସ୍ଥିତ ରହିବା ପରେ ଏହି ନେତାମାନେ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ପାଟନା ବୈଠକରେ ଯୋଗ ନଦେବା ନେଇ କେସିଆରଙ୍କ ପକ୍ଷରୁ ସଫେଇ ଦିଆଯାଇଥିଲା ଯେ ବିଜେପି ବିରୋଧରେ ଲଢ଼େଇ ପ୍ରସଙ୍ଗ ଭିତ୍ତିକ ହେବା ଉଚିତ୍। କିନ୍ତୁ ଦୁର୍ଭାଗ୍ୟବଶତଃ ଆମେ ପଥଚ୍ୟୁତ ହୋଇଛନ୍ତି। ଯିଏ କ୍ଷମତାରେ ଅଛନ୍ତି, ତାଙ୍କୁ କେମିତି ସେଠାରୁ ହଟାଇ ଆଉ ଜଣଙ୍କୁ ବସାଯିବ, ତାକୁ ନେଇ ଏବେ ଆମେ ଅଧିକ ଚିନ୍ତିତ ହୋଇପଡ଼ିଛନ୍ତି। କିନ୍ତୁ ଏହା ଏଜେଣ୍ଡା ହେବା ଉଚିତ ନୁହେଁ।

# ରାଜ୍ୟରେ ଜାରି ରହିଛି ଲଘୁଚାପଜନିତ ବର୍ଷା



ଭୁବନେଶ୍ୱର, ୨୬/୦୬ (ନି.ପ୍ର): ସକ୍ରିୟ ଲଘୁଚାପ ଏବଂ ପୂର୍ବ-ପଶ୍ଚିମ ଭାବେ ଉତର-ପଶ୍ଚିମ ରାଜସ୍ଥାନରୁ ଆଭ୍ୟନ୍ତରୀଣ ଓଡିଶା ମଧ୍ୟଦେଇ ଉତରପୂର୍ବ ବଙ୍ଗୋପସାଗର ଯାଏଁ ଲମ୍ବିଥିବା ତଥା ୧.୫ କିମି ଉଚ୍ଚତା ଯାଏଁ ସକ୍ରିୟ ଥିବା ନିମ୍ନ ଚାପ ରେଖା ପ୍ରଭାବରେ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ଲାଗି ରହିଛି। ଲଘୁଚାପ ପ୍ରଭାବରେ ଆଗାମୀ ୨୪ ଘଂଟା ଯାଏଁ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ଓଡିଶା ଉପକୂଳ ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ଏବଂ ଉତର ବଙ୍ଗୋପସାଗରକୁ ଯିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଆଗାମୀ ୨ ରୁ ୩ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

▶▶ପୃଷ୍ଠା ୭

# ପ୍ରକାଶ ପାଇଲା ଉତ୍କଳ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷାଫଳ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟଗୁଡିକର ସ୍ନାତକ ଶେଷ ସେମିଷ୍ଟାର ୨୦୨୩ ନିୟମିତ ଓ ବ୍ୟାକ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ପ୍ରକାଶ ପାଇଛି । କଳା ଅନର୍ସରେ ପାସ୍ ହାର ୯୦.୫୯ ପ୍ରତିଶତ ରହିଥିବା ବେଳେ ବିଜ୍ଞାନ ଅନର୍ସରେ ୯୫.୩୦ ପ୍ରତିଶତ ଓ ବାଣିଜ୍ୟ ଅନର୍ସରେ ପାସ୍ ହାର ୮୯.୨୮ ପ୍ରତିଶତ ରହିଛି । କଳା ଅନର୍ସରେ ସମୁଦାୟ ୨୫ ହଜାର ୩୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୯ ହଜାର ୫୦୪ ଜଣ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ବିଜ୍ଞାନ ଅନର୍ସରେ ସମୁଦାୟ ୧୩୬୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୬୦୫ ଓ ବାଣିଜ୍ୟ ଅନର୍ସରେ ୪୧୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୬୬ ଜଣ ଉତୀର୍ଣ୍ଣ ହୋଇଛନ୍ତି ।

# ତେଜିଲା କଂଗ୍ରେସ-ଆପ କଳି
# କେଜ୍ରିୱାଲଙ୍କୁ ଟାର୍ଗେଟ କଲେ ମାକେନ



ନୂଆଦିଲ୍ଲୀ, ୨୬/୦୬ : ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ବିରୋଧରେ ଏକାଠି ହେବାକୁ ବିରୋଧୀ କରୁଥିବା ଯୋଜନାରେ ଭଟା ସୃଷ୍ଟି ହେବାରେ ଲାଗିଛି। ଦିଲ୍ଲୀ ଅଧ୍ୟାଦେଶ ପ୍ରସଙ୍ଗରେ ଆପ୍ ଓ କଂଗ୍ରେସ ମଧ୍ୟରେ ସୃଷ୍ଟି ହୋଇ ବିବାଦ ଦିନକୁ ଦିନ ତୀବ୍ର ହେଉଛି। ଦୁଇ ଦଳ ପରସ୍ପରକୁ ଆକ୍ଷେପ କରୁଥିବା ବେଳେ ଏବେ କଂଗ୍ରେସର ବରିଷ୍ଠ ନେତା ଅଜୟ ମାକେନ ଆଉ ଦୁଇ ପାଦ ଆଗକୁ ଯାଇଛନ୍ତି। ସେ ସିଧାସଳଖ ଅରବିନ୍ଦ କେଜ୍ରିୱାଲ ଓ ଆପ୍‌କୁ ଟାର୍ଗେଟ କରିଛନ୍ତି। ଆପ୍‌ର ସମ୍ପର୍କ ବିଜେପି ସହ ରହିଥିବା ସେ ଅଭିଯୋଗ କରିଛନ୍ତି। ଗତ ଶୁକ୍ରବାର ପାଟନାରେ ଆୟୋଜିତ ବିରୋଧୀଙ୍କ ମହା ବୈଠକରେ ଉଭୟ ଆପ୍ ଓ କଂଗ୍ରେସ ଯୋଗ ଦେଇଥିଲେ। ଏହି ବୈଠକରେ ମଧ୍ୟ ଅଧ୍ୟାଦେଶ ପ୍ରସଙ୍ଗକୁ ନେଇ ଦୁଇ ଦଳ ମଧ୍ୟରେ ତିକ୍ତତା ଦେଖିବାକୁ ମିଳିଥିଲା। ଆପ୍ ସିଧାସଳଖ କଂଗ୍ରେସକୁ ତୀବ୍ର ସମାଲୋଚନା କରିଥିଲା। କଂଗ୍ରେସ ଥିବା ମେଣ୍ଟରେ ଯୋଗ ଦେବା ଆପ୍ ପାଇଁ କଷ୍ଟକର ବୋଲି ମଧ୍ୟ ଦଳ କହିଥିଲା। ଏବେ ଅଜୟ ମାକେନ ଗୋଟିଏ ଭିଡିଓ ବାର୍ତ୍ତା ଦ୍ୱାରା ଆପ୍ ଓ ଏହାର ସୁପ୍ରିମୋ କେଜ୍ରିୱାଲଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, "ଗୋଟି ପଟେ ଅରବିନ୍ଦ କେଜ୍ରିୱାଲ କଂଗ୍ରେସର ସମର୍ଥନ ମାଗୁଛନ୍ତି।

▶▶ପୃଷ୍ଠା ୭

# ବିବାଦ ପରେ ମୁହଁ ଖୋଲିଲେ ନବୀନ

## ଆପଣଙ୍କ ସୁଖଦୁଃଖ ବୁଝିବା ପାଇଁ ମୁଁ ମୋ ସଚିବଙ୍କୁ ପଠାଇଛି



ଭୁବନେଶ୍ୱର, ୨୬/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ , ସାଧାରଣ ସଭା କରିବା, ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ମିଳିବାକୁ ନେଇ ବିବାଦ ବଢ଼ିବା ପରେ ମୁହଁ ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନଙ୍କ ଏକ ଅଡିଓ ରେକର୍ଡିଂକୁ ୫-ଟି ସଚିବ ଆଜି ବରଗଡ଼ ଜିଲ୍ଲାରେ ମିଶନ ଶକ୍ତି ମା'ମାନଙ୍କୁ ଭେଟିବାବେଳେ ନିଜ ଫୋନରୁ ବଜାଇ ଶୁଣାଇଛନ୍ତି । ଫୋନ୍ ରୁ ଶୁଣାଯାଇଥିଲା ମୁଁ ମୋ ସଚିବ ପାଣ୍ଡିଆନ ବାବୁଙ୍କୁ ପଠାଇଛି। ଲୋକଙ୍କ ସୁଖ ଦୁଃଖ ବୁଝିବାକୁ ମୁଁ ତାଙ୍କୁ ପଠାଇଛି। ଦୁଇଦିନିଆ ବରଗଡ଼ ଜିଲ୍ଲା ଗସ୍ତର ପ୍ରଥମ ଦିନରେ ବରଗଡ଼ର ନିଶାମଣି ହାଇସ୍କୁଲ ପଡ଼ିଆରେ ଫାଇଭ-ଟି ସଚିବ ପାଣ୍ଡିଆନ ମିଶନ ଶକ୍ତି ମା'ମାନଙ୍କୁ ସମ୍ବୋଧିତ କରିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଅଡିଓ ସନ୍ଦେଶକୁ ଶୁଣାଇଥିଲେ । ଯେଉଁଥିରେ ନବୀନ କହିଥିଲେ, "ଆପଣଙ୍କ ସୁଖଦୁଃଖ ବୁଝିବା ପାଇଁ ମୁଁ ମୋ ସଚିବଙ୍କୁ ପଠାଇଛି । ଆପଣମାନେ ଭଲ କାମ କରନ୍ତୁ । ମୁଁ ସାହାଯ୍ୟ କରିବି ।" ମୁଖ୍ୟମନ୍ତ୍ରୀଙ୍କ ଏହି ଦୁଇ ପଦ କଥା ପରେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହେଉଥିବା ସ୍ପଷ୍ଟ ହୋଇଛି ।

# ଡାକ୍ତରଖାନା ପରିସର ଥିବା ଆହାର କେନ୍ଦ୍ରଗୁଡିକ ରବିବାର ଖୋଲା ରହିବ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ରାଜ୍ୟର ଡାକ୍ତଖାନା ପରିସରରେ ବା ନିକଟରେ ଥିବା ଆହାର କେନ୍ଦ୍ରଗୁଡିକ ଏଣିକି ରବିବାର ଦିନରେ ଖୋଲା ରହିବ । ଏ ନେଇ ଗୃହ ଓ ନଗରଉନ୍ନୟନ ବିଭାଗ ତରଫରୁ ସମସ୍ତ ମହାନଗର ନିଗମ କମିଶନର ତଥା ସିଟି ଆହାର ସମିତି ସଭାପତି ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ଆହାର ସମିତିର ସଭାପତିମାନଙ୍କୁ ଅବଗତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ପ୍ରକାଶ ଥାଉକି ରାଜ୍ୟରେ ୧୬୭ ଟି ଆହାର କେନ୍ଦ୍ର ରହିଛି । ସେଥିରୁ ୮୨ ଟି କେନ୍ଦ୍ର ଡାକ୍ତରଖାନା ପରିସରରେ ରହିଛି । ଏହି ୮୨ ଟିରୁ ୫୮ ଟିରେ ରାତ୍ରିକାଳିନ ଖାଦ୍ୟ ପରିବେଷଣ ସୁବିଧା ରହିଛି । ଏହିସବୁ କେନ୍ଦ୍ରମାନଙ୍କରେ ଡାକ୍ତଖାନା ମାନଙ୍କୁ ଆସୁଥିବା ରୋଗୀ ମାନଙ୍କର ପରିବାର ଲୋକ କିମ୍ବା ଆଟେଣ୍ଡାଂଟମାନେ ଉପକୃତ ହୋଇଥାଆନ୍ତି । ଏହି ୮୨ ଟି କେନ୍ଦ୍ରରେ ଦୈନିକ ହାରାହାରି ୪୮ ହଜାର ଲୋକ ଉପକୃତ ହୋଇ ଥାନ୍ତି। ରବିବାର କେନ୍ଦ୍ରଗୁଡିକ ବନ୍ଦ ରହୁଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଗୃହ ଓ ନଗର ଉନ୍ନୟନ ବିଭାଗର ଦୃଷ୍ଟି

▶▶ପୃଷ୍ଠା ୭

# କେନ୍ଦ୍ରାପଡା ସାହିତ୍ୟ ସଂସଦର ରବିବାସରୀୟ ସାହିତ୍ୟ ଆସର ଓ କବିତା ପୁସ୍ତକ ଲୋକାର୍ପଣ

କେନ୍ଦ୍ରାପଡ଼ା, ୨୬/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ମାସାନ୍ତ ରବିବାସରୀୟ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ ପର୍ବ ସଂସଦର ସଭାପତି ଡଃ ବାସୁଦେବ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହ ଅବସରରେ କବି ଚିତରଞ୍ଜନ କବିଙ୍କ କବିତା ସଂକଳନ 'ଏହି ତ ଜୀବନ' ପୁସ୍ତକକୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପ୍ରଫେସର ନନ୍ଦ କିଶୋର ପରିଡା ଲୋକାର୍ପଣ କରିଅଛନ୍ତି । ସ୍ଥାନୀୟ ପବ୍ଲିକ ରିଡିଂ ରୁମ ପରିସରରେ ଅନୁଷ୍ଠିତ ସାହିତ୍ୟ ଆସରରେ ଚଳିତ ବର୍ଷ ରାଜ୍ୟପାଳ ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ କାକୁଲି ମଲ୍ଲିକ ଏବଂ ଏଇତ ଜୀବନର କବି ଚିତ୍ତରଞ୍ଜନ କବିଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହିଅବସରରେ ସାହିତ୍ୟ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ ଉପସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାସ, ନୃସିଂହ ଚରଣ ତ୍ରିପାଠୀ,ଆଶିଷ ସେନାପତି, ନିରଞ୍ଜନ ମେକାପ, ଶ୍ରୀଧର ଭୋଳ, ଶରତ କୁମାର ରାଉତ, ରଘୁନାଥ ସାହୁ, ମନୋରଞ୍ଜନ ତ୍ରିପାଠୀ, ରଞ୍ଜନ କୁମାର ବାଇ, ଅଜୟ କୁମାର ପାତ୍ର, ଅଶୋକ ସାହୁ, ନିରୁପମା ଦାସ, କବି ଶୈଳଜା ଶଙ୍କର ସାମଲ, ଶ୍ରୀଧର କୁମାର ମହାନ୍ତି, ସ୍ୱର୍ଣ୍ଣାଂଶୁ କୁମାର ଦାସ, ଦେବାସିଷ ପ୍ରଧାନ ପ୍ରମୁଖ ଲୋକାର୍ପିତ କବିତା ସମ୍ପର୍କରେ ଆଲୋଚନା କରି ପ୍ରତ୍ୟେକ ଗୋଟିଏ ଲେଖାଏ କବିତା ପାଠ କରିଥିଲେ । ଏଇତ ଜୀବନ ପୁସ୍ତକ ମଣିଷ ଜୀବନ, ଯନ୍ତ୍ରଣା ଓ ମାଟି ସମ୍ପର୍କରେ ନିଛକ ପ୍ରତିଛବି ପ୍ରତିପାଦିତ ହୋଇଛି । ଏହି ଅବସରରେ କବିତା ପଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ସଂଯୋଜନା କରିଥିଲେ କବି ଚାରୁଲତା ଭୂୟାଁ, କାକୁଲି ମଲ୍ଲିକ ଓ କବିୟତ୍ରୀ ନିରୁପମା ଦାସ । ମାନଭଞ୍ଜନ କବି,ରାଜ କିଶୋର ଲେଙ୍କା, ସୌମ୍ୟକାନ୍ତ କବି, ସତ୍ୟବ୍ରତ ସ୍ୱାଇଁ, ଅରୁଣ କୁମାର ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଗୋଲକ ସେଠୀ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ । ସ୍ୱରସତି ତରାଇ ଧନ୍ୟବାଦ ଦେଇଥିଲେ ।

# ବିଜେପି ପକ୍ଷରୁ କଳା ଦିବସ ପାଳନ

କେନ୍ଦ୍ରାପଡ଼ା, ୨୬/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ସଂଗଠନ ତରଫରୁ ଜୁନ ୨୫ ତାରିଖ କଳା ଦିବସ ପାଳନ କରାଯାଇଛି । ୧୯୭୫ ମସିହାରେ ଏହି ଦିନରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନରେ ସମଗ୍ର ଦେଶରେ ଜରୁରୀ କାଳୀନ ପରିସ୍ଥିତି ଜାରି କରାଯିବା ସହ ହଜାର ହଜାର ନେତୃ ସ୍ଥାନୀୟ ବ୍ୟକ୍ତି ମାନଙ୍କୁ ଗିରଫ କରାଯାଇ ଜେଲରେ ଅଟକ ରଖା ଯାଇଥିଲା । ଏହା ସହ ଜନ ସାଧାରଣଙ୍କ ମୌଳିକ ଅଧିକାର ଓ ସମ୍ବାଦପତ୍ର ଗଣ ମାଧମର କଣ୍ଠରୋଧ କରାଯାଇ ସେନସର ବ୍ୟବସ୍ଥା ଲାଗୁ କରାଯାଇ ଥିଲା । ୪୮ବର୍ଷ ତଳର ଏହି ସ୍ମୃତି ଉଦ୍ଦେଶ୍ୟରେ ଜିଲ୍ଲା ଲୋକସଭା ପ୍ରଭାରୀ ଉପୀନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା କାର୍ଯ୍ୟକର୍ତାଙ୍କ ଉପସ୍ଥିତିରେ ଭାରତ ମାତା, ଡ଼ଃ ଶ୍ୟାମ ପ୍ରସାଦ ମୁଖାର୍ଜୀ ଓ ଦିନଦୟାଲ ଉପାଧ୍ୟେୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଥିଲା । ଜନସଂଘ ସମୟରେ ଯେଉଁ କାର୍ଯ୍ୟକର୍ତା ମାନେ ସ୍ୱର୍ଗବାସ ହୋଇଛନ୍ତି, ତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଥିଲା । ଏହି ବୈଠକରେ ଜରୁରୀ ସମୟରେ ଜେଲ ଯାଇଥିବା କାର୍ଯ୍ୟକର୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏଥି ମଧ୍ୟରେ ହରିଶ ଚନ୍ଦ୍ର ଜେନା, ରବି ନାରାୟଣ ପତି, ଡମ୍ବୁରଧର ଘଡାଇ, ନାରାୟଣ ଚନ୍ଦ୍ର ପୃଷ୍ଟି, ବ୍ରଜ ମହାରଣା, ଦେବୀ ପ୍ରସାଦ ନାୟକ, ଉମାକାନ୍ତ ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ଜରୁରୀ ସମୟରେ କିପରି ତତ୍‌କାଳୀନ ଭାରତ ସରକାର ରାତି ଅଧିଆ ସାରା ଭାରତ ବର୍ଷରେ ସମ୍ବିଧାନର ଶ୍ୱାସରୁଦ୍ଧ କରି ଗଣମାଧମର କଣ୍ଠରୁଦ୍ଧ କରାଯାଇ ଥିଲା ଏବଂ ସେହି ସମୟରେ ଜେଲ ଭରୋ ଆନ୍ଦୋଳନରେ ଅନେକ ଦେଶପ୍ରେମୀ ଭାଗ ନେଇଥିଲେ ସେମାନଙ୍କୁ ଜେଲ ପଠାଇ ଦିଆଯାଇ ଥିଲା । ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ବରିଷ୍ଠ ନେତା ବିଷ୍ଣୁ ଦାସ, ରାଜ୍ୟ ପ୍ରବୋକ୍ତା ତେଜେଶ୍ୱର ପରିଡା, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, କଳ୍ପନା ମଲିକ, ନେହେରୁ ସାହୁ, ଅମିତାଵ ସୁଆର, ବିନ୍ଦୁ ସାଗର ଦାସ, ପ୍ରିୟ ଦର୍ଶନୀ ନନ୍ଦ, ଅନ୍ତର୍ଯ୍ୟାମୀ ମଲିକ, ବୁରହାନ ଅଲ୍ଲୀ, ଶଶାଙ୍କ ଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାଇବର କ୍ରାଇମ ସମ୍ପର୍କିତ ସଚେତନତା କର୍ମଶାଳା

କନ୍ଧମାଳ, ୨୬/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଫୁଲବାଣୀ ଡ୍ରିମଲ୍ୟାଣ୍ଡ୍ ସ୍ଥିତ ସଭା ଗୃହଠାରେ ଏକ ଦିନକିଆ ସାଇବର କ୍ରାଇମ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହେଲପ ଏଜ୍ ଇଣ୍ଡିଆ ଭୁବନେଶ୍ୱର ର ମିଳିତ ସହେଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଫୁଲବାଣୀ ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି,ଅନୁଷ୍ଠାନିକ ଭାବରେ ଉଦଘାଟନ କରି,ମୋବାଇଲର ବହୁଳ ବ୍ୟବହାର ଏବଂ ଏହି ବାବଦରେ ଲୋକଙ୍କର ସମ୍ପୂର୍ଣ୍ଣ ସଚେତନତାର ଅଭାବରୁ ହିଁ ଲୋକଙ୍କୁ ପିପୁଳ ଅର୍ଥିକ କ୍ଷତିସହିବାକୁ ପଡୁଛି । ତେଣୁ କେବଳ ମୋବାଇଲ ବ୍ୟବହାର ନୁହେଁ ଏହି ବାବଦରେ ସଚେତନତାର ଆବଶ୍ୟକତା ରହିଛି । ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ ଏହି ସଚେତନତା କାଯର୍ୟକ୍ରମକୁ ସେ ପ୍ରଂସଶା କରିବା ସହିତ ଏହି କାର୍ଯ୍ୟକ୍ରମ କନ୍ଧମାଲ ଜିଲ୍ଲାର ଗ୍ରାମାଂଚଳରେ ହେବା ଆବଶ୍ୟକ ବୋଲି କହିଥିଲେ । ହେଲ୍ପ ଏଜ୍ ଇଣ୍ଡିଆର ମୁଖ୍ୟ ଭାରତୀ ଚକ୍ର ଓ ସଂଚାଳିକା ଦେବଶ୍ରୀ ବ୍ରହ୍ମା,ଡିଜିଟାଲ ସୁରକ୍ଷାର ଉପକାରିତା ତଥା ଏହାର ସଚେତନତା ଅଭାବରୁ ହେଉଥିବା କ୍ଷତି ବାବଦରେ ଉପସ୍ଥିତ ବରିଷ୍ଠା ନାଗରିକ ମାନଙ୍କୁ ପ୍ରଞ୍ଜଳ ଭାବରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଶହେରୁ ଅଧିକ ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେଇ ଏହାର ଲାବ ଉଠାଇଥିଲେ । ଏଥିରେ ସଂଘର ସଭାପତି କମଳାକାନ୍ତ ପାଣ୍ଡେଙ୍କ ସମେତ ଉପସଭାପତି ନବକିଶୋର ରଥ,ସାଦାରଣ ସମ୍ପାଦକ ପ୍ରଣବ ମଣ୍ଡଳଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

# ବଜାରରେ ଫର୍ମାଲିନ ମିଶା ମାଛ ବିକ୍ରୀ : କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ଗଞ୍ଜାମ, ୨୬/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ବହୁଳ ମାତ୍ରାରେ ମାଛରେ ଫର୍ମାଲିନ ବ୍ୟବହାର କରି ବିଭିନ୍ନ ସହର ବଜାରରେ ବିକ୍ରୀ କରାଯାଉଛି । ମାଛ ଗୁଡିକ ସତେଜ ଦେଖାଯିବା ପାଇଁ ବ୍ୟବସାୟୀ ମାନେ ଏଥିରେ ଫର୍ମାଲିନ ମିଶାଇ ବିକ୍ରୀ କରୁଛନ୍ତି । ଫଳରେ ମାଛ ଗୁଡିକ ସପ୍ତାହ ସପ୍ତାହ ଧରି ସତେଜ ଦେଖାଯାଉଥିଲେ ମଧ ଏହି ମାଛ ଖାଇବା ସ୍ୱାସ୍ଥ୍ୟ ପାଇଁ ଅହିତକର ହେଉଛି । ଏହି ମାଛ ଖାଇ ଲୋକେ ବିଭିନ୍ନ ରୋଗରେ ପୀଡ଼ିତ ହେବା ସହ କର୍କଟ ଭଳି ଦୂରାରୋଗ୍ୟରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଛନ୍ତି । ଏଣୁ ବ୍ରହ୍ମପୁର ମହାନଗର ନିଗମ, ଜିଲ୍ଲାର ବିଭିନ୍ନ ପୌର ପରିଷଦ ତଥା ବିଜ୍ଞାପିତ ଅଂଚଳରେ ଥିବା ଖାଦ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ପରିଦର୍ଶକ ମାନେ ଏ ଧରଣର ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଡ଼ିବିଏଲ କମ୍ପାନୀର ମନୋମୁଖି କାର୍ଯ୍ୟ ଯୋଗୁଁ ଦୁର୍ଘଟଣା: ଦୁଇ ଆହତ

କୋରେଇ, ୨୬/୦୬ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନିର୍ମାଣ ନିମନ୍ତେ ଠିକା ନେଇଥିବା ଡ଼ିବିଏଲ କମ୍ପାନୀର ମନୋମୁଖି କାର୍ଯ୍ୟ ଯୋଗୁଁ ପ୍ରତିଦିନ ରାସ୍ତା ଦୁର୍ଘଟଣା ଘଟି ମୃତାହାତ ହେଉଛନ୍ତି । ଆଜି ଅପରାହ୍ନ ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ପଂଚାୟତର ମନୋହର ମହାପାତ୍ର ଓ ସୁରେନ୍ଦ୍ର ସାମନ୍ତରାୟ ରାଜପଥରେ ଯାଉଥିବା ବେଳେ ପଥରପଦା ପୋଲ ଉପରେ ବାହାରିଥିବା ଲୁହା ରଡ ତାଙ୍କ ସ୍କୁଟି(ଓଡ଼ି୦୫ ଏଏସ ୪୫୯୧) ଷ୍ଟାଣ୍ଡରେ ପଶି ଯିବାରୁ ଦୁଇ ଜଣ ରାସ୍ତା ଉପରେ ପଡ଼ି ଗୁରୁତର ଭାବେ କ୍ଷତାକ୍ତ ହୋଇଛନ୍ତି । ପଥରପଦା ନିକଟରେ ଥିବା ପୋଲ ଉପରେ କଂକ୍ରିଟ ସ୍ଲାବର ରଡ଼ ବାହାରି ଥିବାରୁ ସ୍କୁଟିର ମେନ ଷ୍ଟାଣ୍ଡ ଭିତରେ ଉକ୍ତ ରଡ଼ଟି ପଶିଯାଇଥିଲା । ଫଳରେ ଦୁଇ ଆରୋହୀ ରାସ୍ତା ଉପରେ ପଡ଼ି ଗୁରୁତର ଭାବେ ରକ୍ତାକ୍ତ ହୋଇଥିଲେ । ଖବର ପାଇ ପାଣିକୋଇଲି ଥାନାର ମନମୋହନ ବାରିକ ଓ ଗଣେଶ ଲେଙ୍କା ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମେଘନାଦ ଜେନା, ସୋଭିନ ପରିଡ଼ା, ପ୍ରଦୀପ ମାଝୀ ପ୍ରମୁଖ ଘଟଣାସ୍ଥଳରେ ପହଂଚି ଦୁଇ ଆରୋହୀଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ବିହିତ ପଦକ୍ଷେପ ନେଉନଥିବାରୁ ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଆହତ ମାନଙ୍କ ଚିକିତ୍ସା ନିମନ୍ତେ ସମସ୍ତ ଖର୍ଚ୍ଚ ପ୍ରଦାନ କରିବାକୁ କମ୍ପାନୀର ଏରିଆ ମ୍ୟାନେଜର ସଂଜୀବ ଶ୍ରୀବାସ୍ତବଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଛନ୍ତି ।

# ଏନ୍‌ଏଲ୍‌ସି ତଲାବିରା କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ

ଝାରସୁଗୁଡ଼ା , ୨୬/୦୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ପତ୍ରପାଲି ମୌଜାରେ ଏନ୍ ଏଲ୍ ସି ପକ୍ଷରୁ ମାଇନିଂକୁ ନେଇ ଗ୍ରାମବାସୀ ଓ କମ୍ପାନୀ କର୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଡ଼ା , ପ୍ରବନ୍ଧକ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ଏସ ଡି ପି ଓ ନିର୍ମଳ ଚନ୍ଦ୍ର ମହାପାତ୍ର , ବଡମାଲ ଆଇ ଆଇ ସି ରାଜେନ୍ଦ୍ର ସିଅଳ, ତହସିଲଦାର ବସନ୍ତ ହାତୀ, ସରପଂଚ ଓ ଗ୍ରାମବାସୀ ଏବଂ ପ୍ରକଳ୍ପ ମୁଖ୍ୟ ଫ୍ରାଙ୍କଲିନ ଜୟ କୁମାର, ଅନ୍ୟାନ୍ୟ କର୍ମକର୍ତା ସୁବ୍ରତ କୁମାର ବିଶ୍ୱାଳ, ରଘୁନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପୁନର୍ବାସ ଓ ବିସ୍ଥାପନ ନୀତି ଅନୁଯାୟୀ ପ୍ରଭାବିତ ସମସ୍ତ ହୀରାକୁଦ ବିସ୍ଥାପିତ ପରିବାରକୁ ଉଚିତ କ୍ଷତିପୂରଣ, ପ୍ରକଳ୍ପ କାର୍ଯ୍ୟ ଚାଲୁ କରିବା ସକାଶେ ଗ୍ରାମବାସୀଙ୍କ ସହଯୋଗ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକର ବିବରଣୀ ଆସନ୍ତା ୨୬ତାରିଖ ଦିନ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ପ୍ରବନ୍ଧକ ନିର୍ଦ୍ଦେଶକ ସୂଚନା ପ୍ରଦାନ କରିଛନ୍ତି ।

# ରାଜ୍ୟ ରାଜଧାନୀକୁ ଜଳବନ୍ଦୀ ସମସ୍ୟାରୁ କେବେ ମୁକ୍ତି ମିଳିବ ?: କଂଗ୍ରେସ

ଭୁବନେଶ୍ୱର , ୨୬/୦୬ (ନି.ପ୍ର): ଖୋଦ ରାଜ୍ୟ ରାଜଧାନୀକୁ ଏ ୨୩ ବର୍ଷର ସରକାର ଜଳବନ୍ଦୀ ସମସ୍ୟାରୁ ମୁକ୍ତି କରିପାରି ନାହାନ୍ତି । ଚଳିତ ବର୍ଷ ମୌସୁମୀ ଆଗମନର ପ୍ରଥମ ଦିନର ପ୍ରଥମ ବର୍ଷାରେ ସାରା ଭୁବନେଶ୍ୱର ସହର ଘଂଟା ଘଂଟା ଧରି ଜଳର୍ଣ୍ଣବ ହୋଇ ରହିଲା, ଯାତାୟତ ଠପ, ଯାନବାହାନ ପାଣିରେ ଠପ, ସ୍କୁଲପିଲାମାନେ ଅଂଟାଏ ପାଣିରେ ପସି ଘରକୁ ଫେରିଲେ । ଛୋଟ ଛୋଟ ପିଲମାନଙ୍କୁ ତାଙ୍କ ଅଭିଭାବକମାନେ କାନ୍ଧରେ ବସାଇ ଘରକୁ ଆଣିଲେ । ତଳି ଅଂଚଳରେ ଘର ଭିତରେ ଆଣ୍ଠୁଏ ପାଣି, ପରିସ୍ଥିତି ବେହାଲ । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ଭୁବନେଶ୍ୱର ଜଳବନ୍ଦୀ ସମସ୍ୟାକୁ ନେଇ ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ ୨୦୧୪ ମସିହାରେ ଭୁବନେଶ୍ୱର ମହାନଗର ନିଗମ ରାଜ୍ୟ ସହରାଂଚଳ ବିକାଶ ବିଭାଗ ଓ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଜଣାଇଥିଲେ ଯେ ମହାନଗର ନିଗମ ଅଧିନରେ ଏକ ସ୍ୱତନ୍ତ୍ର ଡ୍ରେନେଜ ଡିଭିଜନ ରହୁ ଏବଂ ମହାନଗର ଅଂଚଳରେ ଥିବା ମୁଖ୍ୟ ୧୦ଟି ବଡ଼ ପ୍ରାକୃତିକ ଡ୍ରେନକୁ ଏହି ଅଧିନକୁ ଅଣାଯାଉ । ରାଜ୍ୟ ସରକାରଙ୍କ ସହରାଂଚଳ ବିକାଶ ବିଭାଗ ସମ୍ମତି ପ୍ରଦାନ କଲେ । ୨୦୧୫ ଜୁନ ୨୪ ତାରିଖ ଦିନ ରାଜ୍ୟ ଡେଭଲପମେଂଟ କମିଶନରଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ବସିଲା କିଭଳି ଭାବରେ ଭୁବନେଶ୍ୱର ସହରରୁ କିଭଳି ରାଜ୍ୟ ରାଜଧାନୀକୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତ କରାଯିବ । ତଦନୁସାରେ ସ୍ୱତନ୍ତ୍ର ଡ୍ରେନେଜ ଡିଭିଜନ ଏକ ଏକ୍‌ଜକ୍ୟୁଟିଭ ଇଂଜିନିୟରଙ୍କ ଅଧିନରେ ରହିଲା । ଏଥିରେ ୩ଜଣ ଆଡସିନାଲ ଏକ୍‌ଜକ୍ୟୁଟିଭ ଇଂଜିନିୟର ଓ ୧୦ଜଣ ଜୁନିଅର ଇଂଜିନିୟର ରହିବା କଥା ସ୍ଥିର ହେଲା । ୨୦୧୫ ଅପ୍ରେଲରେ ଚିଫ ସେକ୍ରେଟାରୀଙ୍କ ଅଧକ୍ଷତାରେ ପୁଣି ଜଳବନ୍ଦୀ ସମସ୍ୟାକୁ ନେଇ ମିଂଟି ହେଲା । ଇସ୍କନଠାରେ ଜମୁଥିବା ପାଣି ସମସ୍ୟାକୁ ନେଇ ନ୍ୟାସନାଲ ହାଓ୍ୱେ ଅଥରଟିକି ଦୋଷ ଦେଇ ସରକାର ଚୁପ ହୋଇ ବସିଗଲେ । ଭୁବନେଶ୍ୱର ମହାନଗର ନିଗମ ଅଧିନରେ ୧୦ଟି ବଡ଼ ପ୍ରାକୃତିକ ନାଳ ଲମ୍ବ ୬୦ କି.ମି. ତଥା ୬୭ ଓ୍ୱାର୍ଡ ମଧ୍ୟରେ ଥିବା ଡ୍ରେନର ଲମ୍ବ ପାଖାପାଖି ୫୬୦ କି.ମି. । ୨୦୧୫ ପାଖରୁ ଅଦ୍ୟାବଧି ୭ଜଣ ଲୋକ ବର୍ଷାଦିନରେ ଖୋଲା ଡ୍ରେନରେ ପଡ଼ି ଭାସିଯାଇ ମୃତ୍ୟୁବରଣ କରିଛନ୍ତି ।

# ଉଦ୍‌ଘାଟନର ୬ମାସ ଗଲାନି ଯାତ୍ରୀ ବିଶ୍ରାମଗାର ଓ ସୌର ଚାଳିତ ପାଣିଯୋଗାଣ

କୋରେଇ, ୨୬/୦୬ (ନି.ପ୍ର): ପାଣିକୋଇଲି ବଜାର ଆବଶ୍ୟକତା ଦୃଷ୍ଟିରୁ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀଙ୍କ ହାତ ପାଣ୍ଠିରୁ ପାଣିକୋଇଲି ବଜାରରେ ଏକ ଯାତ୍ରୀ ବିଶ୍ରାମାଗାର ଓ ସୌର ଚାଳିତ ପାଣିଟାଙ୍କିର ଶୁଭାରମ୍ଭ କରାଯାଇଥିଲା । ଟ୍ରେକର ଷ୍ଟାଣ୍ଡ ନିକଟରେ ସୌର ଚାଳିତ ପାଣି ଯୋଗାଣ ୨୪ ଘଂଟିଆ ହେଉଥିବା ବେଳେ ଯାତ୍ରୀ ଓ ବଜାର ବାସୀ ଏହା ଦ୍ୱାରା ଉପକୃତ ହେଉଥିଲେ । ଏହାକୁ ଗତ ୨୦୨୩ ଜାନୁଆରୀ ୧୯ ତାରିଖ ସାଂସଦ ଶ୍ରୀମତୀ ସେଠୀ, ବିଧାୟକ ଅଶୋକ କମ୍ଯୁାର ବଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଯେନା ଓ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇଙ୍କ କରକମଳରେ ଉଦ୍ଘାଟନ କରାଯାଇଥିଲା । ହେଲେ ଉଦ୍ଘାଟନର ବହୁ ପୂର୍ବରୁ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିଲା । ଉଦ୍ଘାଟନର ୬ମାସ ମଧ୍ୟରେ ଯାତ୍ରୀ ବିଶ୍ରାମାଗାରର ଛପର ଭାଙ୍ଗିଯାଇଛି । ଫଳରେ ପାଣି ଗଳୁଛି । ପୂର୍ବରୁ ପାଣିଯୋଗାଣ ମଧ୍ୟ ବନ୍ଦ ହୋଇଥିଲା । ଖରା ବର୍ଷାରୁ ଯାତ୍ରୀ ମାନଙ୍କୁ ଏହି ବିଶ୍ରାମାଗାର ଯୋଗୁ ଯାତ୍ରୀମାନେ ବହୁଳ ଭାବେ ଉପକୃତ ହେଉଥିଲେ । ବର୍ତମାନ ବର୍ଷା ଆରମ୍ଭ ହୋଇଯାଇଛି । ବର୍ଷା ଆରମ୍ଭରୁ ଯାତ୍ରୀ ବିଶ୍ରାମାଗାରାଙ୍କ ଛପର ଭାଙ୍ଗିଯିବା ଯାତ୍ରୀ ମାନଙ୍କୁ ଚିନ୍ତାରେ ପକାଇଛି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ତାହା ଏବେ ବଡ ପ୍ରଶ୍ନବାଚୀ ହୋଇଛି । ତୁରନ୍ତ ଯାତ୍ରୀ ବିଶ୍ରାମାଗାରର ମରାମତି ଓ ପାନୀୟ ଜଳ ଯୋଗାଣକୁ ଠିକ କରିବାକୁ ପ୍ରଶାସନ ନିକଟରେ "ସହଯୋଗ" ପକ୍ଷରୁ ଦାବି ହୋଇଛି ।

# ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘର ଆଇନ୍ ଅମାନ୍ୟ ଆନ୍ଦୋଳନ ଡାକରା

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ଆଜକୁ ଦୀର୍ଘ ୪୦୦ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ବିଧାନସଭା ସମ୍ମୁଖରେ ଲୋୟର ପି.ଏମ୍.ଜି.ର ଧାରଣା ସ୍ଥଳରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘ ପକ୍ଷରୁ ଏକ ଦଫା ଦାବି ପୂରଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମି ଆନ୍ଦୋଳନ ଚାଲୁ ରହିଆସିଅଛି । ସଂଘ ତରଫରୁ ମଧ ବାରମ୍ବାର ଅନୁଦାନ ଦାବିରେ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା, ରାଲି ଓ ବିକ୍ଷୋଭ ଇତ୍ୟାଦି କରି ସରକାରଙ୍କ ନଜରକୁ ଦାବିପୁରଣ ପାଇଁ ଆଣିଛି । ୨୦୦୮ ମସିହା ପରବର୍ତୀ ସମୟରୁ ରାଜ୍ୟରେ ଥିବା ସମସ୍ତ ବେସରକାରୀ କଲେଜ ମାନଙ୍କରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧପକ ଓ କର୍ମଚାରୀମାନଙ୍କୁ ସରକାର ଅନୁଦାନ ଦିଅନ୍ତୁ ବୋଲି ସଂଘ ତରଫରୁ ବିଭିନ୍ନ ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ସଚିବଙ୍କ ସହିତ ଆଲୋଚନା କରି ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ପାଇପାରିନାହିଁ । ସଂଘ ତରଫରୁ ବାରମ୍ବାର ସରକାରଙ୍କଠାରୁ ସନ୍ତୋଷଜନକ ଉତର ପାଇବା ପାଇଁ ବିଧାନସଭାରେ ବିଧାୟକମାନଙ୍କ ଦ୍ୱାରା ପ୍ରଶ୍ନ ପଚାରିଥିଲେ ମଧ ସେଥିରେ ମଧ ସରକାର ସମ୍ପୂର୍ଣ୍ଣ ନିରୁତ୍ସାହଜନକ ଉତର ଦେଇ ନିରବ ବସିଛନ୍ତି । ୨୦୦୮ ମସିହାରୁ ୨୦୧୩ ମସିହା ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଅଧାପକ ଓ କର୍ମଚାରୀମାନଙ୍କ ତାଲିକା ମଗାଇଥିବାରୁ ସଂଘ ତରଫରୁ ଜୋର୍‌ଦାର ବିରୋଧ କରାଯାଇଅଛି । ଆଜିର ସଂଘର କର୍ମକର୍ତାମାନେ ପୁନର୍ବାର ସରକାରଙ୍କୁ ନିବେଦନ କରି ୨୦୦୮ - ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧାପକ ଓ କର୍ମଚାରୀମାନଙ୍କର ତାଲିକା ସରକାର ନେଇ ସେମାନଙ୍କୁ ଅନୁଦାନ ଦେବାପାଇଁ ପଦକ୍ଷେପ ଗ୍ରହଣ କରିବା ସହ ପ୍ରକାଶ ପାଇଥିବା ଚିଠି ଯଦି ସରକାର ଆସନ୍ତା ୨୬.୬.୨୦୨୩ ସୁଦ୍ଧା ପ୍ରତ୍ୟାହାର ନ କରନ୍ତି ଏବଂ ନୂତନ ଚିଠି ପ୍ରକାଶ ନ କରନ୍ତି, ତେବେ ଆସନ୍ତା ତା୨୭.୦୬.୨୦୨୩ ରିଖଠାରୁ ସଂଘ ତରଫରୁ ନିଜର ଦାବି ହାସଲ ପାଇଁ ଜୋର୍‌ଦାର ଆନ୍ଦୋଳନ କରାଯିବ ସହ ମୁଖ୍ୟମନ୍ତ୍ରୀଙ୍କ ସହ ସିଧା ଆଲୋଚନା ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆଇନ୍ ଅମାନ୍ୟ ଆନ୍ଦୋଳନ କରିବା ପାଇଁ ସଂଘ ବାଧ ହେବ ବୋଲି ଚେତାବନି ଦେଇଛନ୍ତି ଓଡ଼ିଶା ବେସରକାରୀ କଲେଜ ଅଧାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱରଂଜନ ଦାସ ।

# ଖଣି ଅଂଚଳରେ ଗଡୁଛି ବାହାର ରାଜ୍ୟର ମାଲମାଲ ନମ୍ବର ପ୍ଲେଟ ବିହୀନ ଟ୍ରକ: ପରିବହନ ଓ ପୋଲିସ ବିଭାଗ ନୀରବ ଦ୍ରଷ୍ଟା

ବଲାଣି, ୨୬/୦୬ (ନି.ପ୍ର): ଯୋଡ଼ା ଖଣି ମଣ୍ଡଳର ବିଭିନ୍ନ ଖଣି ଓ କାରଖାନା ରେ ପରିବହନ ନିମନ୍ତେ ବାହାର ରାଜ୍ୟର ନମ୍ବର ପ୍ଲେଟ ବିହୀନ ଟ୍ରକ ନିୟୋଜିତ ହେଉଛନ୍ତି । ତେବେ ସ୍ଥାନୀୟ ପୋଲିସ ଓ ପରିବହନ ବିଭାଗ ନୀରବ ଦ୍ରଷ୍ଟା ପାଲଟିଛି । ଅନ୍ୟ ପକ୍ଷରେ ସ୍ଥାନୀୟ ଟ୍ରକ ମାଲିକଙ୍କ ଉପରେ ଉଭୟ ବିଭାଗ ଦାଉ ସାଧୁଛନ୍ତି । ଏପରି କିଛି ଅଭିଯୋଗ କରିଛନ୍ତି ସ୍ଥାନୀୟ ଟ୍ରକ ମାଲିକ । ବଲାଣି ଥାନା ଅଂଚଳରେ ଥିବା ଏକ କାରଖାନା ଓ ୫୨୦ ନମ୍ବର ଜାତୀୟ ରାଜ ପଥ କଡେ ନମ୍ବର ପ୍ଲେଟ ବିହୀନ ଛତିଶଗଡ଼ର ୧୬ ଚକିଆ ଟ୍ରେଲର ଗୁଡିକ ମାଲ ମାଲ ହୋଇ ଛିଡା ରହୁଥିବା ସ୍ଥଳେ ବିଭାଗୀୟ ଅଧିକାରୀ ଚୁପ ରହୁଛନ୍ତି । ଅନ୍ୟ ପକ୍ଷରେ ସ୍ଥାନୀୟ ଅଂଚଳର ଗାଡି ଗୁଡିକରେ ବିଭିନ୍ନ ଆଳ ଦେଖାଇ ରସିଦ କାଟିବା ଫଳରେ ସ୍ଥାନୀୟ ଟ୍ରକ ମାଲିକ ତଣ୍ଡ ଗଣୁଛନ୍ତି । ଏପରିକି ରାଜ୍ୟ ସରକାର ନୂତନ ଭାବରେ ନିୟମ ଲାଗୁ କରି ଏଚ ଏସ୍ ଆର୍ ପି ନମ୍ବର ପ୍ଲେଟ ଲଗାଇବା ବାଧ୍ୟତାମୂଳକ କରିଥିବା ବେଳେ ନମ୍ବର ପ୍ଲେଟରେ ସାମାନ୍ୟ ତ୍ରୁଟି ଆସିଗଲେ ପରିବହନ ବିଭାଗ ସ୍ଥାନୀୟ ଅଂଚଳର ଟ୍ରକ ମାଲିକଙ୍କ ଠାରୁ ମୋଟା ଆଙ୍କର ତଣ୍ଡ ଆଦାୟ କରୁଥିବା ସ୍ଥଳେ ବାହାର ରାଜ୍ୟର ଟ୍ରକ ମାଲିକଙ୍କ ଉପରେ ଏହି ନିୟମ ଲାଗୁ କରୁନାହାନ୍ତି । ସ୍ଥାନୀୟ ଟ୍ରକ ମାଲିକଙ୍କ କହିବା ଅନୁସାରେ ନୂଆ ଗାଡ଼ିରେ ନମ୍ବର ନ ଲାଗିଥିଲେ ସ୍ଥାନୀୟ ଟ୍ରକ ମାଲିକଙ୍କ ପାଇଁ ରାସ୍ତା କୁ ଗାଡି କାଢ଼ିବା ଅସମ୍ଭବ ହୋଇ ପଡୁଥିବା ବେଳେ ଅନ୍ୟ ରାଜ୍ୟର ନମ୍ବର ବିହୀନ ୧୬ ଚକିଆ ଟ୍ରେଲର ନା କେବଳ କୋଇଲା ପରିବହନରେ ନିୟୋଜିତ ହେଉଛନ୍ତି ଫେରିବା ସମୟରେ ସ୍ଥାନୀୟ ବିଭିନ୍ନ ଖଣି ଓ କାରଖାନାରୁ ଲୌହ ପଥର ସହ ସ୍ୱଞ୍ଜ ଓ ପେଲେଟ ପରିବହନ କରୁଛନ୍ତି । ତେବେ ନିୟମ ଅନୁସାରେ ନମ୍ବର ପ୍ଲେଟ ବିହୀନ ଗାଡି ରାସ୍ତାରେ ଚାଲିବାର ନିୟମ ନଥିଲେ ହେଁ ବାହାର ରାଜ୍ୟର ୧୬ ଚକିଆ ଟ୍ରକ କିପରି ରାସ୍ତାରେ ଚାଲୁଛି ଓ ପରିବହନ କାର୍ଯ୍ୟରେ ନିୟୋଜିତ ହେଉଛି ତାହା ସ୍ଥାନୀୟ ଟ୍ରକ ମାଲିକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଗଞ୍ଜାମ ଜିଲ୍ଲାରେ ୯ ବିଇଓ ଏବଂ ୧୬ ପ୍ରଧାନଶିକ୍ଷକ ପଦବି ଖାଲି

ଗଞ୍ଜାମ, ୨୬/୦୬ (ନି.ପ୍ର): ଗୁଣାତ୍ମକ ଶିକ୍ଷାର ବିକାଶ ଓ ପିଲା ମାନଙ୍କୁ ଯୁଗୋପଯୋଗୀ କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ହାଇସ୍କୁଲକୁ ରୂପାନ୍ତରିତ କରି ସ୍ମାର୍ଟ ସ୍କୁଲରେ ପରିଣତ କରିଛନ୍ତି । ଯେଉଁଠି ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ପାଠାଗାର ଓ ଲ୍ୟାବ୍ ଭଳି ଅନେକ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଇଛି । ଏହା ଏକ ବୈପ୍ଳବିକ ପଦକ୍ଷେପ ସତ, କିନ୍ତୁ ଦୁଃଖର କଥା ହେଉଛି ବ୍ଲକ ସ୍ତରରେ ଶିକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଖାଲି ପଡିଥିବା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପଦବି ଏବଂ ବିଦ୍ୟାଳୟ ଗୁଡିକରେ ପ୍ରଧାନଶିକ୍ଷକ ପଦବି ପୂରଣ କରିବା ଦିଗରେ ସରକାରଙ୍କ ନିଘା ନାହିଁ । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲାରେ । ଏଠାରେ କେବଳ ପ୍ରଧାନଶିକ୍ଷକ ନୁହଁନ୍ତି ବିଭିନ୍ନ ବିଦ୍ୟାଳୟରେ ପାଠ ପଢାଇବାକୁ ଶିକ୍ଷକଙ୍କର ମଧ ଅଭାବ ରହିଛି । ୩୭୩ଟି ବିଦ୍ୟାଳୟକୁ ରୂପାନ୍ତରଣ କରାଯାଇଥିଲେ ମଧ ମାନବ ସମ୍ବଳ ଅଭାବ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ବର୍ତମାନ ୯ଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ବିଇଓ ଏବଂ ୧୬ଟି ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦବି ଖାଲି ପଡିଛି । ସବୁଠି କାମଚଳା ନୀତିରେ ଶିକ୍ଷକ ଓ ପ୍ରଧାନଶିକ୍ଷକ ମାନେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ।

# ପଲ୍ଲିଶ୍ରୀ ମେଳାରେ ଆକର୍ଷଣ ସାଜିଛି ସୂଚନା ଓ ଲୋକସମ୍ପର୍କ ବିଭାଗର ଫଟୋଚିତ୍ର ପ୍ରଦର୍ଶନୀ

ପୁରୀ, ୨୬/୦୬ (ନି.ପ୍ର): ପୁରୀଠାରେ ଅନୁଷ୍ଠିତ ପବିତ୍ର ରଥଯାତ୍ରା ଅବସରରେ ଗଣ୍ଡିଚାବାଡ଼ି ନିକଟସ୍ଥ ଭୋଳାନାଥ ବିଦ୍ୟାପୀଠ ପରିସରରେ ଆୟୋଜିତ ଜାତୀୟ ପଲ୍ଲିଶ୍ରୀ ମେଳା ପ୍ରାଙ୍ଗଣରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହେଉଛି । ଉକ୍ତ ଫଟୋଚିତ୍ର ପ୍ରଦର୍ଶନୀରେ ଚଳିତବର୍ଷର ଚନ୍ଦନଯାତ୍ରା, ରଥ ନିର୍ମାଣ ଓ ସ୍ନାନଯାତ୍ରାର ଫଟୋ ସ୍ଥାନିତ ହେବା ସହିତ ଗତବର୍ଷ ରଥଯାତ୍ରାର ଅନ୍ୟାନ୍ୟ ଫଟୋ ପ୍ରଦର୍ଶିତ ହୋଇଛି । ଏତଦ୍ ବ୍ୟତୀତ, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ଶ୍ରୀମନ୍ଦିରର ବିଭିନ୍ନ ପର୍ବପର୍ବାଣି ଓ ଭୋଗ, ବିଦେଶୀ ଓ ଭାରତୀୟ ମୁଦ୍ରାରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ବିରଳ ଫଟୋଚିତ୍ର, ବିଭିନ୍ନ ସମୟରେ ଶ୍ରୀମନ୍ଦିରର ରୁପରେଖ ସମ୍ପର୍କୀତ ଦୁର୍ଲ୍ଲଭ ଫଟୋଚିତ୍ର ଏବଂ ଚଳିତବର୍ଷର ନେତ୍ରୋତ୍ସବରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ସଂକ୍ଷିପ୍ତ ନୀତିନିର୍ଘଂଟ ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।ଏଥିସହିତ, ରାଜ୍ୟସରକାରଙ୍କ ଲୋକାଦତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଐତିହ୍ୟସ୍ଥଳୀ ଓ ପୁରାତନ ମନ୍ଦିରଗୁଡିକର ରୁପାନ୍ତରଣ, ଭାରତର କ୍ରୀଡ଼ା ଭିତିଭୂମିକୁ ରାଜ୍ୟ ସରକାରଙ୍କ ଅବଦାନ, ରାଜ୍ୟର କୃଷି ଓ କୃଷକ ସଶକ୍ତିକରଣ, ଶିକ୍ଷା, ଗମନାଗମନ, ମହିଳା ସଶକ୍ତିକରଣ, ଜନଜାତି ଉନ୍ନୟନ, ବିଶୁଦ୍ଧ ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ ଭିତିଭୂମିର ସୁଦୃଢୀକରଣ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗରଙ୍କ ଦକ୍ଷତା ବିକାଶ ଓ ବଜାରସୁବିଧା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ, ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ପାଇଁ ସାମାଜିକ ସୁରକ୍ଷା ଆଦି ସମେତ ମୋ ଘର, ମଧୁବାବୁ ପେନସନ ବିତରଣ ଦିଗରେ ରାଜ୍ୟ ସରକାରଙ୍କ ନିଷ୍ପତି ଏବଂ ବିଏସକେଓ୍ୱାଇ ସମ୍ପର୍କୀତ ବିସ୍ତୃତ ତଥ୍ୟ ସମ୍ବଳିତ ବୋର୍ଡ଼ ଗୁଡିକୁ ଦର୍ଶକମାନେ ବହୁଳଭାବେ ପସନ୍ଦ କରୁଛନ୍ତି । ଗତ ୧୯ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଦ୍ୱାରା ଉଦଘାଟିତ ଏହି ପ୍ରଦର୍ଶନୀ ମଣ୍ଡପକୁ ପ୍ରତ୍ୟହ ୧୫ ହଜାରରୁ ଅଧିକ ଦର୍ଶକ ଆସି ଗୋଟିଏ ସ୍ଥାନରେ ଉଭୟ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ଆହରଣ କରିବା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରୁଛନ୍ତି ।

# ଏପରି ସଜାନ୍ତୁ କିଚେନ୍

**ଘର ସଜାଇଲା ବେଳେ ଆମେ ସାଧାରଣତଃ ରୋଷେଇ ଘର କଥା ପାସୋରି ଦେଇଥାଉ । ତେଣୁ ଅନେକ ଲୋକଙ୍କ ଘର ଭିତରର ସାଜସଜ୍ଜା ଖୁବ୍ ସୁନ୍ଦର ହୋଇଥିଲେ ବି ରୋଷେଇ ଘର ନିଷ୍ପ୍ରାଣ ଲାଗେ । ତେବେ ଛୋଟ ଛୋଟ ଉପାୟ ଆପଣେଇଲେ ଆପଣଙ୍କ ରୋଷେଇ ଘର ସୁନ୍ଦର**









**ଲାଇଟ :-**

ଅନେକଙ୍କ ରୋଷେଇ ଘରେ ପର୍ଯ୍ୟାପ୍ତ ଲାଇଟ୍ ବ୍ୟବସ୍ଥା ନଥାଏ । ପ୍ରାକୃତିକ ଓ କୃତ୍ରିମ ଭାବେ ଯେମିତି ଆପଣଙ୍କ ରୋଷେଇ ଘର ଆଲୋକିତ ହୋଇପାରୁଥାଏ ସେଥିପ୍ରତି ପ୍ରଥେ ନଜର ଦେବେ । ରୋଷେଇ ଘରର ଝରକା ପାଖରେ ଏମିତି କିଛି ଜିନିଷ ରଖନ୍ତୁ ନାହିଁ ଯାହା ସୂର୍ଯ୍ୟାଲୋକ ପ୍ରବେଶ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବ । ଯଦି ସମ୍ଭବ ରୋଷେଇ ଘରର ଝରକା ପାଖରେ ଆଲୋଭେରା ବା ଲକି ବାମ୍ବୁ ଲାଗିଥିବା କୁଣ୍ଡ ରଖିପାରିବେ । ରୋଷେଇ ଘରେ ସୁନ୍ଦର ଲାଇଟ୍ ଲଗାଇ ପାରିବେ ।

**ଫ୍ରୁଟ୍ ବାଉଲ୍ :-**

କିଚେନ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କିଚେନ୍ କାଉଣ୍ଟରରେ ଆକର୍ଷଣୀୟ ଫ୍ରୁଟ୍ ବାଉଲ୍ ରଖିପାରିବେ । ସେଥିରେ ଋତୁକାଳୀନ ଫଳ ରଖିଲେ ତାହା ଦୃଷ୍ଟି ଆକର୍ଷଣ କରିବ । ଆପଣଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।

ଗଛ : କିଚେନ କାଉଣ୍ଟର କିମ୍ବା ଝରକା ପାଖରେ ରଙ୍ଗ ବେରଙ୍ଗୀ କୁଣ୍ଡରେ ଛୋଟ ଛୋଟ ଗଛ ଆପଣଙ୍କ ରୋଷେଇ ଘରକୁ ସୁନ୍ଦର ଓ ସତେଜ କରିବ । ଇଚ୍ଛା ହେଲେ ରୋଷେଇରେ ଦରକାର । ହେଉଥିବା ଗୁଳ୍ମ ଏହି କୁଣ୍ଡରେ ଲଗାଇ ପାରିବେ ।

**ସ୍ମାର୍ଟ ଷ୍ଟୋରେଜ୍ :-**

ରୋଷେଇରେ ବ୍ୟବହୃତ ଜିନିଷ ରଖିବା ପାଇଁ ଅନେକ କ୍ୟାବିନେଟ୍ ବ୍ୟବସ୍ଥା କରିଥାଆନ୍ତି । କିନ୍ତୁ ଚାମଚ, ଛୁରି, ଛୋଟ ମସଲା ଡବା ଆଦି ଏଣେ ତେଣେ ରଖିଦିଅନ୍ତି । ଏପରି କଲେ ରୋଷେଇ ଘର ଅସନା ହେବା ସହ ଅସୁନ୍ଦର ଲାଗିଥାଏ । ଛୁରି, ଚାମଚ ରଖିବା ପାଇଁ ଆଜିକାଲି ଖୁବ୍ ସୁନ୍ଦର ନାଇଫ୍ ହୋଲ୍ଡର ମିଳୁଛି ।

**ଆର୍ଟ ପିସ୍ :-**

ଆପଣଙ୍କ ରୋଷେଇ ଘରକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ କାନ୍ଥରେ ଆର୍ଟ ପିସ୍ ଲଗାଇ ପାରିବେ । କମଳା, ସବୁଜ, ହଳଦିଆ, ଗୋଲାପି ରଙ୍ଗର ଆର୍ଟ ପିସ୍ ଆପଣଙ୍କ କିଚେନ୍‌କୁ ଦେଇପାରିବ ଏକ ସ୍ମାର୍ଟ ଲୁକ୍ ।

# ଲେମ୍ବୁ

**ଲେମ୍ବୁ ଏକ ଖଟା ଫଳ । ବିଭିନ୍ନ ପ୍ରକାରର ଲେମ୍ବୁ ରହିଛି । ବିଶେଷକରି ଦୁଇ ପ୍ରକାରର ଲେମ୍ବୁ ଦେଖିବାକୁ ମିଳେ । କାଗେଜି ଓ କମଳା ଲେମ୍ବୁ । ଲେମ୍ବୁରେ ବିଭିନ୍ନ ପ୍ରକାର ଭିଟାମିନ୍ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିସହିତ ତ୍ୱଚା ଓ କେଶ ପାଇଁ ମଧ୍ୟ ଲେମ୍ବୁକୁ ବ୍ୟବହାର କରାଯାଇଥାଏ । ଆସନ୍ତୁ ଜାଣିବା ଲେମ୍ବୁ ଆମର କେଉଁ ସବ କାମରେ ବ୍ୟବହାର କରାଯାଇଥାଏ ।**


- ◆ଲେମ୍ବୁ ରସରେ ଭିଟାମିନ୍ ସି' ସ୍ରୋତ ପ୍ରଚୁର ମାତ୍ରାରେ ରହିବା ସହିତ ପୋଟାସିୟମ, କ୍ୟାଲସିୟମ୍, ଫାଇବର, ଫସଫସ, ମ୍ୟାଗ୍ନେସିୟମ, ଭିଟାମିନ୍ ସି', ଆଇରନ୍, ଭିଟାମିନ୍-ଏ, ପ୍ରୋଟିନ ଓ କାର୍ବୋହାଇଡ୍ରେଟ ଆଦି ରହିଛି ।
- ◆ଖାଲି ପେଟରେ ସକାଳୁ ଲେମ୍ବୁ ପାଣି ପିଇବା ଫଳରେ ପେଟ କମିଯିବା ସହିତ ଶରୀରକୁ ଏନର୍ଜୀ ମିଳିଥାଏ ।
- ◆ଲେମ୍ବୁ କେବଳ ସ୍ୱାସ୍ଥ୍ୟ କିମ୍ବା ତ୍ୱଚା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ, ଏହାର ଆଚାର ପାଟିକୁ ଖୁବ୍ ସୁଆଦ ଲାଗିଥାଏ ।
- ◆ବିଭିନ୍ନ ଖାଦ୍ୟ ପଦାର୍ଥରେ ଯଥା- ସିଝା ବୁଟ, ଚାର୍ଟ, ଗୁପ୍‌ଚୁପ୍ ଆଦି ପାଟି ସୁଆଦିଆ ଖାଦ୍ୟରେର ଲେମ୍ବୁର ଉପଯୋଗ କରାଯାଇଥାଏ ।
- ◆ଖରାଦିନେ ଶରୀରରୁ ଜଳୀୟ ଅଂଶ ଅଭାବକୁ ପୂରଣ କରିବା ଲାଗି ଲେମ୍ବୁପାଣି ପିଇଥାନ୍ତି ।
- ◆ଲେମ୍ବୁକୁ ସାବୁନ୍, ସାମ୍ପୋ, ବାସନ ମଜା ସାବୁନ ଆଦି ତିଆରି କରିବାରେ ବ୍ୟବହାର କରାଯାଇଥାଏ ।
- ◆ଘରର କୁନଜରରରୁ ଦୂର କରିବା ଲାଗି ଲେମ୍ବୁ-ଲଙ୍କାର ମାଳ ଦ୍ୱାରମୁହଁରେ ଟଙ୍ଗାଯିବା ସହିତ ଯାନବାହନ ଆଦିରେ ଲେମ୍ବୁ ଓ ଲଙ୍କା ବନ୍ଧା ଯାଇଥାଏ ।
- ◆ନୂଆ ଯାନବାହାନ କିଣି ଏହାକୁ ମନ୍ଦିରରେ ପୂଜା କରିବା ବେଳେ ଗାଡ଼ିର ଚକ ତଳେ ଲେମ୍ବୁକୁ ଚାପି ନକରାତ୍ମକ ପ୍ରଭାବରୁ ଦୂରେଇ ରଖାଯାଇଥାଏ ।
- ◆ଘରେ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରେ କାଚ ଗ୍ଲାସରେ ଲେମ୍ବୁ ରଖି ଏହାର ପାଣି ବଦଳାଇବା ଫଳରେ ଘରେ ସକରାତ୍ମକ ପ୍ରଭାବ ପଡ଼ିଥାଏ ।
- ◆ତରଳଝାଡ଼ା ହେଉଥିଲେ ଲେମ୍ବୁ ଓ ଚିନି ଲୁଣ ପାଣି ପିଇବା ଫଳରେ ଶରୀରକୁ ଶକ୍ତି ମିଳିଥାଏ ।
- ◆ଲେମନ ଟି' ପିଇବା ଫଳରେ ଫ୍ୟାଟ କମିଥାଏ ।



# ମାସ୍କ ପିନ୍ଧାଇବ ମେଶିନ୍

ମହାମାରୀ କରୋନାରୁ ବର୍ତ୍ତିବା ଲାଗି ମାସ୍କ ପିନ୍ଧିବା ସମସ୍ତଙ୍କ ପାଇଁ ଜରୁରୀ ଆବଶ୍ୟକତା । ଏନେଇ ଏବେ ସମସ୍ତେ ପ୍ରାୟ ସଚେତନ ହେଲେଣି ଏବଂ ଘରୁ ବାହାରିବା ମାତ୍ରେ ସମସ୍ତେ ମାସ୍କ ମଧ୍ୟ ପିନ୍ଧୁଛନ୍ତି । ତେବେ କିଛି ଲୋକ ଏବେ ବି ମାସ୍କ ପିନ୍ଧିବା ପାଇଁ ଇଚ୍ଛା କରୁନାହାନ୍ତି ଏବଂ ଅନେକେ ମାସ୍କ ପିନ୍ଧିବାକୁ ଭୁଲି ଯାଉଛନ୍ତି । ଏଭଳି ଲୋକଙ୍କୁ ଏବେ ମାସ୍କ ପିନ୍ଧାଇବ ଏକ ମେଶିନ୍ ।

ପୂର୍ବତନ ବାସ୍କେଟବଲ୍ ଖେଳାଳି ରେକ୍ସ ଚାପମ୍ୟାନ୍ ସୋସିଆଲ୍ ମିଡିଆରେ ମାସ୍କ ପିନ୍ଧାଉଥିବା ମେଶିନ୍‌ର ଏକ ଭିଡିଓ ଶେୟାର କରିଛନ୍ତି । ଏହି ମେଶିନ୍‌ଟି ତା' ଆଗରେ ବସିଥିବା ଲୋକଙ୍କୁ ଜୋର କରି ଏକ ମାସ୍କ ପିନ୍ଧା ଦେବ । ଏହି ମେଶିନ୍‌ର ନାଁ ରହିଛି 'ଦି କେରେନେଟର' । ଏହି ମେଶିନ୍‌ରେ ପ୍ରଥମେ ଏକ ମାସ୍କ ଲଗାଇ ଦିଆଯାଇଥାଏ । ଆଉ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଏହି ମେଶିନ୍ ଆଗରେ ବସିବାକୁ ହିଁ ପଡ଼ିଥାଏ । ମେଶିନ୍ ଚଲାଇବାର କିଛି ସେକେଣ୍ଡ ମଧ୍ୟରେ ସେଥିରେ ଥିବା ମାସ୍କଟି ଖୁବ୍ ଜୋର୍‌ରେ ଉଡ଼ିଆସି ଆଗରେ ବସିଥିବା ବ୍ୟକ୍ତିଙ୍କ ମୁହଁରେ ଠିକ୍ ଭାବରେ ଆପେ ଆପେ ଲାଗିଯିବ । ମାସ୍କ ପିନ୍ଧାଇବାର ଏହି ମେଶିନ୍ ଏବେ ସୋସିଆଲ୍ ମିଡିଆରେ ଢେର୍ ଚର୍ଚ୍ଚାର କାରଣ ହୋଇଛି । ତେବେ ଭିଡିଓରେ ମେଶିନ୍‌କୁ ଦେଖୁଥିବା ଲୋକେ ଏହାକୁ ମାସ୍କ ନ ପିନ୍ଧିଥିବା ଲୋକଙ୍କ ପାଇଁ ଏକ ଶକ୍ତ ଚାପୁଡ଼ା ବୋଲି ବର୍ଣ୍ଣନା କରିଛନ୍ତି । କାରଣ ମେଶିନ୍‌ରୁ ଏତେ ଜୋର୍‌ରେ ମାସ୍କଟି ବାହାରି ଆସେ ଯେ ହଠାତ୍ ବ୍ୟକ୍ତିଜଣକ ପ୍ରସ୍ତୁତ ନ ଥିଲେ ଚମକି ପଡ଼ିବ । ସେଥିପ୍ରତି ସୋସିଆଲ୍ ମିଡିଆରେ ପାଇଁ ଲୋକେ କ୍ୟାପ୍‌ସନ୍‌ରେ ଭିନ୍ନଭାବେ ପ୍ରତିକ୍ରିୟା ଦେଇଛନ୍ତି । ଅଧିକାଂଶ ଲୋକ ଏହାକୁ ନେଇ ମଜାଦାୟକ କମେଣ୍ଟ ଦେଇଛନ୍ତି ।



# ଆତ୍ମହତ୍ୟା ପାଇଁ ପରିଚିତ ରହସ୍ୟମୟ ଜଙ୍ଗଲ

ଘଞ୍ଚ ଜଙ୍ଗଲ । ଏଠାରେ ଗଛର ସଂଖ୍ୟା ଏତେ ଅଧିକ ଯେ ଏହି ଜଙ୍ଗଲକୁ କୁହାଯାଏ ଗଛର ସମୁଦ୍ର । କିନ୍ତୁ ସେହି ଘଞ୍ଚ ସବୁଜର ନିଃସଙ୍ଗତାକୁ ଅବସାଦଗ୍ରସ୍ତ ମଣିଷ ବାଛି ନିଅନ୍ତି ଶେଷ ଶଯ୍ୟା ଭାବରେ । ଏମିତିକି ଲୋକେ ସାଥୀ ହୋଇ ଆତ୍ମହତ୍ୟା କରିବାକୁ ଯାଇଥାଆନ୍ତି ଏହି ଜଙ୍ଗଲ ଭିତରକୁ । ସେଥିପାଇଁ 'ଆତ୍ମହତ୍ୟା ଅରଣ୍ୟ' ନାମରେ ପରିଚିତ ଏହି ଜଙ୍ଗଲ । ଚିରସବୁଜ ଏହି ଜଙ୍ଗଲଟି ଜାପାନରେ ଅବସ୍ଥିତ । ଆଗ୍ନେୟପର୍ବତ ମାଉଣ୍ଟ ଫୁଜିର ପାଦ ଦେଶରେ ଆଓକିଗାହାରା ନାମରେ ପରିଚିତ ଏହି ଜଙ୍ଗଲ । ପ୍ରତିବର୍ଷ ଜାପାନର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଏହି ଜଙ୍ଗଲଟି ବୁଲି ଦେଖିବାକୁ ଆସିଥାଆନ୍ତି । ଅସଲ ଉଦ୍ଦେଶ୍ୟ ଥାଏ ଆତ୍ମହତ୍ୟା । ଏହି ଜଙ୍ଗଲ ଏତେ ଗଭୀର ଯେ ଦୀର୍ଘଦିନ ଧରି ମୃତଦେହର ଖୋଜଖବର ନେଲେ ସୁଦ୍ଧା ତାହା ମିଳିନଥାଏ । ଅଧିକାଂଶ ସମୟରେ ନିଥର ଶରୀରଗୁଡ଼ିକ ଚିଲ, ଶାଗୁଣାଙ୍କ ଆହାର ବନିଯାଏ । ଆତ୍ମହତ୍ୟା କରିବାକୁ ଅନେକ ଲୋକ ଆସିଥାଆନ୍ତି । ତେବେ ସମସ୍ତେ ଆତ୍ମହତ୍ୟା କରିପାରି ନଥାନ୍ତି । ଆତ୍ମହତ୍ୟା କରିବାର ମାନସିକତା ଦେଶ ଅନୁସାରେ ବଦଳିଥାଏ । ନିଜକୁ ଶେଷ କରିଦେବାର ମାନସିକତାକୁ କେଉଁଠି ଅପରାଧ ବୋଲି କୁହାଯାଉଥିବା ବେଳେ ଏହି ଧାରଣା ଅନ୍ୟ କେଉଁ ଦେଶରେ ନାହିଁ । ଜାପାନ ଏହି ଦ୍ୱିତୀୟ ପର୍ଯ୍ୟାୟର ଦେଶରେ ପଡ଼ିଥାଏ । କୁହାଯାଏ ଅତୀତରେ ଜାପାନ ସମୁରାଇମାନେ ଯୁଦ୍ଧରେ ପରାସ୍ତ ହେଉଥିଲେ ଆତ୍ମସମ୍ମାନ ଉଦ୍ଦେଶ୍ୟରେ ନିଜକୁ ଶେଷ କରିଦେଉଥିଲେ । ସେହି ପ୍ରଥାରୁ ଜାପାନରେ ଆତ୍ମହତ୍ୟା କରିବାର ମାନସିକତା ସୃଷ୍ଟି ହୋଇଛି ଯାହା କି ଏବେ ବି ଲୋକମାନଙ୍କ ମଧ୍ୟରେ ରହିଆସିଛି । ୨୦୦୮ ମସିହା ବିଶ୍ୱ ମାନ୍ଦାବସ୍ଥା ବେଳେ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରେ ଜାପାନରୁ ସବୁଠୁ ଅଧିକ ଥିଲେ । ଆଉ ଜାପାନର ସେହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଆଓକିଗାହାରା ଜଙ୍ଗଲରେ ହିଁ ଆତ୍ମହତ୍ୟା କରିଥିଲେ । ପ୍ରତିବର୍ଷ ଜାପାନରେ ମାର୍ଚ୍ଚମାସ ଚତୁର୍ଥ ସପ୍ତାହରେ ଅର୍ଥାତ୍ ଆର୍ଥିକ ବର୍ଷର ଶେଷ ବେଳକୁ ଆତ୍ମହତ୍ୟା ଘଟଣା ସବୁଠୁ ଅଧିକ ହୋଇଥାଏ । ସେହି ସମୟରେ ଅବସାଦପ୍ରାପ୍ତ ଲୋକ ଆଓକିଗାହାରା ଜଙ୍ଗଲକୁ ଛୁଟିଯାଆନ୍ତି । କିନ୍ତୁ କାହିଁକି ? ମନସ୍ତତ୍ତ୍ୱବିତ୍‌ମାନେ କୁହନ୍ତି ଏହି ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ ଏଥିପାଇଁ ଦାୟୀ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆକର୍ଷିତ ହେଉଥିବା ଅବସାଦପ୍ରାପ୍ତ ମଣିଷମାନେ ଏହାକୁ ନିଜର ଶେଷ ଠିକଣା ବୋଲି ଧରିନିଅନ୍ତି । ସେଥିପାଇଁ ଅନ୍ୟ କେଉଁ ସ୍ଥାନ ପରିବର୍ତ୍ତେ ଏହି ଜଙ୍ଗଲରେ ହିଁ ଆତ୍ମହତ୍ୟା କରନ୍ତି ।




## ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



# ଇଟାଲୀର ଅଭିଶପ୍ତ ଦ୍ୱୀପ



ଇଟାଲୀରେ ଅନେକ ସୁନ୍ଦର ସୁନ୍ଦର ଦ୍ୱୀପ ଅବସ୍ଥିତ । ସେଥି ମଧ୍ୟରୁ ଗୋଟିଏ ହେଉଛି ଗାଓଲା ଆଇଲ୍ୟାଣ୍ଡ । ଏହି ଦ୍ୱୀପର ରହସ୍ୟ ଆଜି ବି ସମସ୍ତଙ୍କ ପାଇଁ ଅଜଣା । ଏହି ଦ୍ୱୀପ ଅନେକ ଅଜବ ଘଟଣା ପାଇଁ ପରିଚିତ । ଯେଉଁଥିପାଇଁ ଏହାକୁ ଇଟାଲୀର ଅବିଶପ୍ତ ଦ୍ୱୀପ ବୋଲି ମଧ୍ୟ କୁହାଯାଇଥାଏ । ଶୁଣିବାକୁ ମିଳେ ଏହି ଦ୍ୱୀପକୁ ଯେଉଁ ବ୍ୟକ୍ତି କିଣିଛନ୍ତି ତାଙ୍କ ସହିତ କିଛି ନା କିଛି ଅଘଟଣ ଘଟିଛି । ଏହି ଦ୍ୱୀପ କାହାର ଜୀବନ ନେଇଛି ତ କାହାର ସର୍ବନାଶ କରିଛି । ବର୍ତ୍ତମାନ ଏହି ଦ୍ୱୀପ ଇଟାଲୀ ସରକାରଙ୍କ ଅଧୀନରେ ଅଛି ଏବଂ ଏହାକୁ ପର୍ଯ୍ୟଟକମାନଙ୍କ ପାଇଁ ସଂପୂର୍ଣ୍ଣ ବନ୍ଦ କରି ଦିଆଯାଇଛି । ଏହି ଦ୍ୱୀପ ଇଟାଲୀର ନେପଲ୍ସ ସହରରେ ଅବସ୍ଥିତ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ହିଁ ଏହି ଦ୍ୱୀପକୁ ସାରା ଦୁନିଆରେ ପରିଚିତ କରିପାରିଛି । ଏହି ଦ୍ୱୀପର ନୈସର୍ଗିକ ସୌନ୍ଦର୍ଯ୍ୟ କାରଣରୁ ଅତୀତରେ ଅନେକ ଲୋକ ଏହାକୁ କିଣିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଏହି ଦ୍ୱୀପରେ ସେମାନଙ୍କ ରହଣୀ ସ୍ୱଳ୍ପ ହିଁ ରହିଛି । ସେମାନଙ୍କ ସହିତ ବିଭିନ୍ନ ପ୍ରକାର ଅଘଟଣ ଘଟିଛି । ଅଧିକାଂଶ ସମୟରେ ଏହି ଦ୍ୱୀପ କିଣିଥିବା ଅନେକ ଲୋକଙ୍କ ଆତ୍ମହତ୍ୟା ଖବର ମଧ୍ୟ ସାମ୍ନାକୁ ଆସିଛି ଯାହା ଇଟାଲୀ ସରକାରଙ୍କୁ ମଧ୍ୟ ବିଚଳିତ କରିଆସିଛି । ଏହି ଦ୍ୱୀପ ସଂପର୍କରେ ଆହୁରି ମଧ୍ୟ ଶୁଣିବାକୁ ମିଳେ ଏହା ମାଟିରେ ଥରେ ଯିଏ ପାଦ ରଖିଛି ସେ ସବୁଦିନ ପାଇଁ ଦ୍ୱୀପ ମଧ୍ୟରେ ହିଁ କେଉଁଠି ବିଲୀନ ହୋଇଯାଇଛି । ନିଜ ଘରକୁ ଆଉ ଫେରି ଆସିନି । ଯଦି ବି କିଏ ଫେରିଆସିଛି ତାଙ୍କ ସହିତ ଅଳ୍ପ ଦିନ ମଧ୍ୟରେ ନାନା ପ୍ରକାରର ଅଘଟଣ ଘଟିଛି । ଇତିହାସ ଅନୁସାରେ ଉନବିଂଶ ଶତାବ୍ଦୀରେ ଏହି ଦ୍ୱୀପକୁ ଔପନିବେଶକମାନେ ସେମାନଙ୍କ ରହଣି ପାଇଁ ବାସୋପଯୋଗୀ କରିଥିଲେ । ଯାହାକୁ ପରବର୍ତ୍ତୀ ସମୟରେ ଲୁଇଗି ନେଗ୍ରି ନାମକ ଜଣେ ବ୍ୟକ୍ତି ମାଛ ଚାଷ ପାଇଁ କିଣିଥିଲେ । ମାଛ ଚାଷ କରି ସେଠାରେ ସ୍ଥାୟୀ ଭାବେ ବସବାସ କରିବା ଲକ୍ଷରେ ସେ ଏହି ଦ୍ୱୀପର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ବିଶାଳ ବଙ୍ଗଳା ତିଆରି କରିଥିଲେ । ଆଜି ବି ସେଇ ବଙ୍ଗଳା ଉକ୍ତ ଦ୍ୱୀପରେ ଅବସ୍ଥିତ । ହେଲେ କୌଣସି କାରଣବଶତଃ ହଠାତ୍ ଲୁଇଗି ଦେବାଳିଆ ହୋଇଯାଇଥିଲେ ଏବଂ ଦ୍ୱୀପକୁ ବିକ୍ରି କରି ଦେଇଥିଲେ । ତାଙ୍କ ପରେ ସ୍ୱିଡେନର ଜଣେ ବ୍ୟବସାୟୀ ହେନ୍ସ ବ୍ରାଉନ ଏହି ଦ୍ୱୀପର ମାଲିକ ହୋଇଥିଲେ । କିଣିବାର କିଛି ମାସ ପରେ ହେନ୍ସଙ୍କର ମୃତ ଦେହ ବଙ୍ଗଳାରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ପୁଣିଥରେ ଏହି ଦ୍ୱୀପର ମାଲିକାନା ଯାଇଥିଲା ଓଟୋ ଗ୍ରୁନବ୍ୟାକ ନାମକ ଜଣେ ବ୍ୟକ୍ତିଙ୍କ ଅଧୀନକୁ । ତାଙ୍କର ମଧ୍ୟ ରହସ୍ୟମୟ ଭାବେ ମୃତ୍ୟୁ ହୋଇଥିଲା । ତାଙ୍କ ପରେ ମୌରାସି ଭେସ୍ ସାଣ୍ଡୋଜ ଏହି ଦ୍ୱୀପର ମାଲିକାନା ହାସଲ କରିଥିଲେ । ଏହାକୁ କିଣିବା ପୂର୍ବରୁ ସେ ବହୁତ ବଡ଼ ଲେଖକ ଥିଲେ । କିନ୍ତୁ ବଙ୍ଗଳାରେ ରହିବା ପରେ ସେ ପାଗଳ ହୋଇଯାଇଥିଲେ । ଜନ୍ ପଲ୍ ଗେଟିଙ୍କ ସହିତ ମଧ୍ୟ ସମାନ ଘଟଣା ଘଟିଥିଲା । ତାଙ୍କର ପୂରା ପରିବାର ଆତ୍ମହତ୍ୟା କରିଥିଲେ । ଏହି ଦ୍ୱୀପ ବିଷୟରେ ଆହୁରି ଏମିତି ଅନେକ କାହାଣୀ ଶୁଣିବାକୁ ମିଳେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆଗ ମାଟି..

ଏକ ହାତରେ ତାଳି ବାଜେନାହିଁ; ତାଳି ବାଜିବା ପାଇଁ ଦୁଇଟି ହାତ ଦରକାର। ଠିକ୍ ସେମିତି ବନ୍ଧୁତ୍ୱ ଏକପାଖିଆ ନିବିଡ଼ ହୁଏନାହିଁ; ନିବିଡ଼ତା ପାଇଁ ଉଭୟ ପକ୍ଷର ସମାନ ମନୋଭାବ ପ୍ରଦର୍ଶନ ଜରୁରୀ। ବିଶ୍ୱର ଦୁଇଗୋଟି ପ୍ରାଚୀନ ଏବଂ ଜନବହୁଳ ଗଣତନ୍ତ୍ରର ପ୍ରତୀକ ଇଗଲ ଏବଂ ମୟୂର ଏବେ ପରସ୍ପର ସହିତ ଘନିଷ୍ଠ ବନ୍ଧୁତାର ବନ୍ଧନରେ ବାନ୍ଧି ହୋଇଛନ୍ତି- ଅବଶ୍ୟ ବିଳମ୍ବରେ। ତେବେ ସେମାନେ ଏବେ ସେମାନଙ୍କର ବନ୍ଧୁତ୍ୱକୁ ଏକ ବହୁଧ୍ରୁବୀୟ ବିଶ୍ୱରେ ଦ୍ରୁତ-ପରିବର୍ତ୍ତନଶୀଳ ସମୀକରଣ ମଧ୍ୟରେ ଅଧିକ ସହଯୋଗ, ଦଳଗତ ଭାବରେ ମିଳିମିଶି କାର୍ଯ୍ୟ କରିବା, ପାରସ୍ପରିକ ବୁଝାମଣାକୁ ଆଗେଇ ନେବାକୁ ସହମତ ହୋଇଛନ୍ତି। ଏହି ନିବିଡ଼ ସମ୍ପର୍କ ବର୍ତ୍ତମାନ ଏତେ ସ୍ୱାଭାବିକ ଭାବରେ ପ୍ରତିଷ୍ଠା ହୋଇଛି ଯେ ବୁଝିହୁଏ ନାହିଁ, ଏପରି ହେବା ପାଇଁ ତା'ହେଲେ କାହିଁକି ଏତେ ଦୀର୍ଘ ସମୟ ଲାଗିଲା। ଏସବୁ କହିବାର କାରଣ, ଯୁକ୍ତରାଷ୍ଟ୍ର ଆମେରିକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତକୁ ସର୍ବାଧିକ ଉଲ୍ଲେଖନୀୟ ସଂଜ୍ଞା ନିର୍ଦ୍ଧାରଣକାରୀ ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରାଯାଇପାରେ ଯେହେତୁ ଦୁଇ ଦେଶ ଏମିତି ଏକ ପର୍ଯ୍ୟାୟ ମଧ୍ୟରେ ପ୍ରବେଶ କରିଛନ୍ତି, ଯେଉଁଠି ବନ୍ଧୁତ୍ୱ ଏବଂ ଭାଗିଦାରୀ 'ଇତିହାସର ଏକ ସୁଦୃଢ଼, ଅତି ନିବିଡ଼ ଏବଂ ପର୍ଯ୍ୟାପ୍ତ ଗତିଶୀଳତା' ହାସଲ କରିଛି। ଗୋଟିଏ ବାକ୍ୟରେ କହିଲେ, ଯୁକ୍ତରାଷ୍ଟ୍ର ଆମେରିକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ଆଜିକା ସମୟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କୂଟନୀତିକ ସମ୍ପର୍କକୁ ଦୃଢ଼ୀଭୂତ କରିଛି। ଏହି ଗସ୍ତ କାଳରେ ଶ୍ରୀଯୁକ୍ତ ମୋଦୀ ୟୁଏସ୍ କଂଗ୍ରେସକୁ ଦ୍ୱିତୀୟ ଥର ପାଇଁ ସମ୍ବୋଧିତ କରିଛନ୍ତି। ତାଙ୍କ ବ୍ୟତୀତ ଆଉ ମାତ୍ର ଦୁଇଜଣ ଅନ୍ୟ ନେତା ୟୁଏସ୍ ବ୍ୟବସ୍ଥାପିକାକୁ ଏକରୁ ଅଧିକ ଥର ସମ୍ବୋଧିତ କରିଛନ୍ତି- ୱିନଷ୍ଟନ୍ ଚର୍ଚ୍ଚିଲ ଏବଂ ବେଞ୍ଜାମିନ୍ ନେତ୍ୟାନ୍ୟାହୁ: ଉଭୟ ଏହା ତିନିଥର କରିଛନ୍ତି। ଶ୍ରୀଯୁକ୍ତ ମୋଦୀଙ୍କୁ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ପ୍ରଥମ ମହିଳା ଜିଲ୍ ବାଇଡେନ୍ ସ୍ୱାଗତ କରିଥିଲେ- ବୁଧବାର ଦିନ ହ୍ୱାଇଟ୍ ହାଉସରେ ଏକ ଘରୋଇ ନୈଶ ଭୋଜିରେ ଏବଂ ତା'ପରେ ଗୁରୁବାର ଦିନ ରାଷ୍ଟ୍ର ତରଫରୁ ପ୍ରଦତ୍ତ ନୈଶ ଭୋଜିରେ। ଶ୍ରୀଯୁକ୍ତ ମୋଦୀଙ୍କ ସମର୍ଥକ ଓ ସମାଲୋଚକମାନେ ନିଃସନ୍ଦେହରେ ଏଇ କଥାକୁ ନିଜ ନିଜ ଢ଼ଙ୍ଗରେ ନେବାର ସମ୍ଭାବନା ରହିଥିବାବେଳେ ଏଇ ବିରଳ ପ୍ରତୀକାତ୍ମକ କାର୍ଯ୍ୟ କିନ୍ତୁ ବାସ୍ତବରେ ଉଭୟ ରାଷ୍ଟ୍ରର ଶାସନ ମୁଖ୍ୟ ଭାବରେ ଯିଏ ବି ଥାଆନ୍ତୁ ନା କାହିଁକି, ୱାଶିଂଟନ୍ ନୂଆଦିଲ୍ଲୀ ସହିତ ଏହାର ସମ୍ପର୍କକୁ କେତେ ମୂଲ୍ୟବାନ୍ ବୋଲି ଭାବେ, ତାହା ସୂଚୀତ କରୁଛି। ଶ୍ରୀଯୁକ୍ତ ମୋଦୀଙ୍କୁ ଆତିଥେୟତା ପ୍ରଦାନ କରିଥିବା ଅନ୍ୟାନ୍ୟ ବିଦେଶୀ ନେତାମାନଙ୍କ ଭଳି ନ କରି ଶ୍ରୀଯୁକ୍ତ ବାଇଡେନ୍ ତାଙ୍କର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ ଭାଷଣରେ ଶ୍ରୀଯୁକ୍ତ ମୋଦୀଙ୍କ ଉପରେ ବିଶେଷ ଟିପ୍ପଣୀମାନ ପ୍ରଦାନ କରିବା ପରିବର୍ତ୍ତେ ଦୁଇ ରାଷ୍ଟ୍ରଙ୍କ ଦ୍ୱିପାକ୍ଷିକ ସମ୍ପର୍କର ଦୃଢ଼ତା ଏବଂ ମହତ୍ୱାକାଂକ୍ଷାର ବର୍ଣ୍ଣନା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ, ଯଦିଓ ଭାରତୀୟ ନେତାଙ୍କୁ ସେ ପ୍ରତ୍ୟେକ ଦୃଷ୍ଟିରୁ ଯଥୋଚିତ ସମ୍ମାନ ଓ ସୌହାର୍ଦ୍ଦ୍ୟ ପ୍ରଦାନ କରିଥିଲେ। ଏଭଳି ମାପିଚୁପି କଥା କହିବାକୁ ସମ୍ଭବତଃ ଉଭୟ ରାଷ୍ଟ୍ରଙ୍କ ଘରୋଇ ରାଜନୀତି ନିର୍ଦ୍ଧାରିତ କରିଥିଲା। ଶାସନକୁ ଆସିବାର ନଅ ବର୍ଷ ପରେ ଶ୍ରୀଯୁକ୍ତ ମୋଦୀଙ୍କ ସରକାରଙ୍କ ବର୍ତ୍ତମାନ ଯେତିକି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି- ଉଭୟ ବୈଶ୍ୱିକ ଏବଂ ଘରୋଇ ସ୍ତରରେ- ତାହା କ୍ୱଚିତ୍ କୌଣସି ସରକାରଙ୍କ କ୍ଷେତ୍ରରେ ଘଟିଥିଲା। ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ କେତେକ ହେଉଛି, ସବୁ ପ୍ରକାରର ବଢ଼ି ଚାଲିଥିବା ଚିନ୍ତାଜନକ ପ୍ରସଙ୍ଗ ମଧ୍ୟରେ ଲୋକମାନଙ୍କୁ ବିକାଶ ପ୍ରଦାନ କରିବାପାଇଁ ଏହାଙ୍କର ପ୍ରତିଶ୍ରୁତି ଉପରେ; ମାନବିକ ଅଧିକାର, ନାଗରିକମାନଙ୍କ ସ୍ୱାଧୀନତା କ୍ଷେତ୍ରରେ ଏହାଙ୍କର ଦୁର୍ବଳ ରେକର୍ଡକୁ ନେଇ, ଭାରତୀୟ ସମ୍ବିଧାନର ଧର୍ମନିରପେକ୍ଷ ଚରିତ୍ର ପ୍ରତି କର୍ଣ୍ଣପାତ କରିବାକୁ ନେଇ ଏବଂ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ। ୱାଶିଂଟନ ବୈଠକ କାଳରେ ଏସବୁ ପ୍ରସଙ୍ଗଗୁଡ଼ିକ ଉତ୍‌ଥାପନ କରିବା ନିମନ୍ତେ ୟୁଏସ୍ କଂଗ୍ରେସର ୭୦ରୁ ଅଧିକ ସଦସ୍ୟ ଶ୍ରୀଯୁକ୍ତ ବାଇଡେନଙ୍କ ନିକଟକୁ ପତ୍ର ଲେଖିଥିଲେ। ୟୁଏସ୍ କଂଗ୍ରେସକୁ ସମ୍ବୋଧିତ କରିବା ଅବସରରେ ନିହାତି କମରେ ଚାରି ଜଣ କଂଗ୍ରେସ- ମହିଳା ମୋଦୀଙ୍କ ଉଦବୋଧନକୁ ବର୍ଜନ କରିଥିଲେ। ତଥାପି ଭାରତ-ଆମେରିକା ସମ୍ପର୍କର କେନ୍ଦ୍ରବିନ୍ଦୁରେ ଯେଉଁସବୁ ପ୍ରସଙ୍ଗଗୁଡ଼ିକ ରହିଥିଲା, ସେସବୁ ଉପରେ ଆଲୋଚନା ହେବାରେ କୌଣସି ବିଚ୍ୟୁତି ଦେଖାଦେଇନଥିଲା: ଉଭୟ ରାଷ୍ଟ୍ର ପରସ୍ପରକୁ ଆବଶ୍ୟକ କରନ୍ତି, ବିଶେଷକରି ଅଭ୍ୟୁଦୟ ଲାଭ କରୁଥିବା ଚୀନ୍ ପରିପ୍ରେକ୍ଷୀରେ ଯାହାକୁ ଉଭୟ ରାଷ୍ଟ୍ର ଏକ ବିପଦ ଭାବରେ ଦେଖୁଛନ୍ତି। ଆଉ ସମ୍ପର୍କର ମୂଲ୍ୟବୋଧ ଉପରେ ଏଇ ସହଭାଜିତ ବିଶ୍ୱାସ ହିଁ ଉଭୟ ପକ୍ଷଙ୍କୁ ଶ୍ରୀଯୁକ୍ତ ମୋଦୀଙ୍କ ଗସ୍ତ କାଳରେ କେତେକ ପ୍ରମୁଖ କାରବାର ସମ୍ପାଦନ କରିବାରେ ସାହାଯ୍ୟ କରିଥିଲା, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଡ୍ରୋନ୍ ସମ୍ପର୍କିତ ଚୁକ୍ତିନାମା, ଯାହା ଅଧୀନରେ ଜେନେରାଲ ଇଲେକ୍ଟ୍ରିକ୍ ଭାରତରେ ଜେଟ ଇଞ୍ଜିନ୍ ନିର୍ମାଣ କରିବ, ତଥା ଅନ୍ୟାନ୍ୟ ପ୍ରତିରକ୍ଷା ରାଜିନାମାଗୁଡ଼ିକ ମଧ୍ୟ। ଭାରତ ମଧ୍ୟ ଏକ ବାହ୍ୟ ମହାକାଶ ତଦନ୍ତ ପାଇଁ ଆମେରିକା- ନେତୃତ୍ୱାଧୀନ ମେଣ୍ଟରେ ଯୋଗଦେଇଛି ଏବଂ ଆମେରିକା ଭାରତରେ ନୂଆ କନ୍‌ସୁଲେଟଗୁଡ଼ିକ ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ପ୍ରଦାନ କରିଛି ଯାହା ଭାରତର ସାମ୍ପ୍ରତିକ ସମୟରେ ଏକ ବଡ଼ ସମସ୍ୟା ଭାରତୀୟମାନଙ୍କୁ ଭିସା ପ୍ରଦାନର କାର୍ଯ୍ୟକୁ ସହଜ କରାଇବ। ଅନେକଗୁଡ଼ିଏ ଦୃଷ୍ଟିରୁ ଶ୍ରୀଯୁକ୍ତ ମୋଦୀଙ୍କ ଗସ୍ତ ଭାରତର ଆମେରିକା ସହିତ ସମ୍ପର୍କର ଦୀର୍ଘକାଳୀନ ଭବିଷ୍ୟତ ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ଦୁଇଗୋଟି ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ସେମାନେ ପରସ୍ପରକୁ କ'ଣ ପ୍ରଦାନ କରୁଛନ୍ତି, ତାକୁ ସୂଚୀତ କରିଛି।

# ଭାରତୀୟ ବିମାନ ସେବା ଏକ ଅବଲୋକନ



ବିଷ୍ଣୁ ପ୍ରସାଦ ଦାସ

ବର୍ତ୍ତମାନ ଯୁଗରେ ଆଶାତୀତ ଭାବେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢି ଯାଇଛି , ଯାତ୍ରୀଙ୍କ ଚାହିଦାକୁ ଦେଖି ବିମାନ ସେବା ଦେଉଥିବା ସଂସ୍ଥା ଏବଂ ବିମାନର ସଂଖ୍ୟା ମଧ ବଢ଼ିବାରେ ଲାଗିଛି । ସ୍ୱଳ୍ପ ସମୟରେ ନିଜ ଗନ୍ତବ୍ୟ ସ୍ଥାନରେ ପହଂଚିବା ଉଦ୍ଦେଶ୍ୟରେ କିଛି ଅଧିକ ଦେୟ ଦେଇ ଯାତ୍ରୀମାନେ ବିମାନ ସେବା ନେବାପାଇଁ ନିଜର ଆଗ୍ରହ ପ୍ରକାଶ କରୁଛନ୍ତି । ପ୍ରତିଦିନ ଲକ୍ଷ ଲକ୍ଷ ବିମାନ ଯାତ୍ରୀ ସୁରୁଖୁରୁରେ ନିଜ ଯାତ୍ରା ସ୍ଥଳରେ ପହଂଚି ଯାଉଛନ୍ତି ,ବିମାନ ଯାତ୍ରା କରିବାରେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ଆୟାରଲ୍ୟାଣ୍ଡ ପରେ ଭାରତର ସ୍ଥାନ ରହିଛି ତେବେ ଭାରତର ଜନସଂଖ୍ୟା ଦୃଷ୍ଟିରୁ ଏହା ଯଥେଷ୍ଟ ନୁହେଁ । ଭାରତର ଅଧିକାଂଶ ଲୋକ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ସେମାନେ ରେଳ ଯାତ୍ରାକୁ ବେଶୀ ଆଦରି ନେଇ ଥା'ନ୍ତି , ଏହା ଶସ୍ତା ଏବଂ ଆରାମଦାୟକ ଯଦିଓ ବିମାନ ଯାତ୍ରା ତୁଳନାରେ ସମୟ ଅନେକ ନିଏ । ଏହି ସବୁ ବିଷୟ ପ୍ରତି ଧ୍ୟାନ ଦେଇ ଅନେକ ବିମାନ ସଂସ୍ଥା ରେଳ ଗାଡିର ଉଚ୍ଚ ଶ୍ରେଣୀର ଯାତ୍ରା ଦେୟ ବା ଟିକେଟ ମୂଲ୍ୟ ସହିତ ତୁଳନା କରି ନିଜର ବ୍ୟବସାୟ ବଢାଇବା ଉଦ୍ଦେଶ୍ୟରେ ଆଶାତୀତ ଭାବେ ବିମାନ ଯାତ୍ରାର ଦେୟ କମ କରୁଛନ୍ତି, ଫଳରେ ସାଧାରଣ ଜନତା ଏବେ ବିମାନ ସେବାକୁ ମନଭରି ଉପଭୋଗ କରିବା ସହିତ ସମୟ ମଧ ବଞ୍ଚାଇ ପାରୁଛନ୍ତି । ଦିନକୁ ଦିନ ଏହି ସେବା ବଢ଼ିବାରେ ଲାଗିଛି ତେଣୁ ବିମାନ ସେବା ଯୋଗାଉଥିବା ସଂସ୍ଥା ମାନେ ନିଜର ବ୍ୟବସାୟ ବଢାଇବା ଏବଂ ଯାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ନୂତନ ବିମାନ କିଣିବା ସହିତ ଅନେକ ଆକର୍ଷଣୀୟ ଯୋଜନା ହାତକୁ ନେଇଛନ୍ତି, ଚାଲନ୍ତୁ ଆମେ ଆମ ଭାରତୀୟ ବିମାନସେବା ପ୍ରଦାନକାରୀ କିଛି ସଂସ୍ଥା ଏବଂ ତାହାର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିବା ।

ଭାରତବର୍ଷରେ ସରକାରୀ ମାଲିକାନା, ଅର୍ଦ୍ଧ ସରକାରୀ, ଘରୋଇ ମାଲିକାନା ଏବଂ ମିଳିତ ମାଲିକାନାରେ ଚାଲୁଥିବା ବିମାନସେବା ପ୍ରଦାନକାରୀ ସଂସ୍ଥା ଗୁଡିକ ମଧ୍ୟରୁ 'ଏଆର ଇଣ୍ଡିଆ' ଯାହାକି ସରକାରୀ ପରିଚାଳନାରୁ ବର୍ତ୍ତମାନ ଟାଟା ଅଧୀନକୁ ଆସିଯାଇଛି ଇଣ୍ଡିଗୋ ,ଏକ୍ସପ୍ରେସ ଇଣ୍ଡିଆ ,ଏଆର ଏସିଆ( ଟାଟା+ ମାଲେସିଆ ) , ଗୋ ଏଆର, ଆକାଶ ଏଆର, ସ୍ପାଇସ ଜେଟ, ଭିସ୍ତାରା( ଟାଟା+ ସିଙ୍ଗାପୁର) ଇତ୍ୟାଦି ବିମାନ ସେବା ପ୍ରଦାନକାରୀ ସଂସ୍ଥା ମାନେ ଭାରତ ତଥା ଭାରତ ବାହାରକୁ ସେମାନଙ୍କ ସେବା ଯୋଗାଇ ଆସୁଛନ୍ତି । ଏଆର ଇଣ୍ଡିଆ ଏବଂ ଭିସ୍ତାରା (ଆଂଶିକ) କୁ ଛାଡିଦେଲେ ଅନ୍ୟ ସବୁ ସେବା ପ୍ରଦାନକାରୀ ସଂସ୍ଥା ଲୋ କଷ୍ଟ ବିମାନ ସେବା ଯୋଗାଇ ଥା'ନ୍ତି , ଲୋ କଷ୍ଟର ମାନେ ହେଉଛି ଯେଉଁଥିରେ ଉଚ୍ଚ ଶ୍ରେଣୀର ଯାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଆସନ ଏବଂ ରାଜକୀୟ ସେବା ଉପଲବ୍ଧ ହୁଏ ନାହିଁ, କେବଳ ଇକୋନୋମି ଶ୍ରେଣୀ ଥାଏ , ବିମାନ ଯାତ୍ରା କାଳୀନ ଖାଦ୍ୟ ପେୟ ମଧ କ୍ରୟ କରିବାକୁ ହୁଏ, ଯାତ୍ରା ସମୟରେ ମନ ପସନ୍ଦର ଆସନ ବା ସିଟ ପାଇଁ ମଧ ଅଲଗା ଦେୟ ଦେବାକୁ ହୋଇଥାଏ ଅବଶ୍ୟ ଏହି ପ୍ରଥା ଏବେ ସବୁ ପ୍ରକାର ବିମାନରେ ଦେଖିବାକୁ ମିଳୁଛି, ଯାହାକି ଯାତ୍ରୀଙ୍କୁ ଲୁଟିବା ଛଡା ଆଉ କିଛି ନୁହେଁ । ନିର୍ଦ୍ଦିଷ୍ଟ ଦୂରତା ପାଇଁ ଯାତ୍ରୀ ଭଡା , ଟିକସ ଇତ୍ୟାଦି ତ' ଦେଲେ ତେବେ ଯାତ୍ରୀ କ'ଣ ବିମାନ ଭିତରେ ନ'ବସି ଠିଆ ହୋଇ ଯାତ୍ରା କରିବା ସମ୍ଭବ କି? ବିଦେଶ ଯାତ୍ରା ସମୟରେ କିଛି ଲୋ- କଷ୍ଟ ବିମାନ ସେବା ପ୍ରଦାନକାରୀ ସଂସ୍ଥା କ୍ୟାବିନ୍ ଲଗେଜ୍ ( ୭ କେ:ଜି) ଛଡା ଅନ୍ୟ ଲଗେଜ୍ ନିମନ୍ତେ ଅଧିକ ଦେୟ ନେଇଥାନ୍ତି , ତେବେ ଦେଶ ଭିତରେ ୧୫ କିଲୋଗ୍ରାମ୍ ଲଗେଜ୍ ନେବାକୁ କିଛି ଅଧିକ ଦେୟ ଦେବାକୁ ପଡେ ନାହିଁ ।


ଏହି ବିମାନ ଗୁଡିକ ମୁଖ୍ୟତଃ ଦୁଇଟି କମ୍ପାନୀ ପ୍ରସ୍ତୁତ କରିଥାଏ ତନ୍ମଧ୍ୟରୁ ଆମେରିକୀୟ କମ୍ପାନୀ 'ବୋଇଙ୍ଗ' ଏବଂ ୟୁରୋପର ଫ୍ରାନ୍ସ ନିର୍ମିତ 'ଏଆର ବସ୍', ଏହି ଦୁଇ ସଂସ୍ଥା ଦ୍ୱାରା ନିର୍ମିତ ଅତ୍ୟାଧୁନିକ ଯାତ୍ରୀବାହୀ ତଥା ମାଲ ପରିବହନ ବିମାନ ଗୁଡିକ ଆଜି ପୃଥିବୀର ସବୁ ଦେଶରେ ନିର୍ଭରଯୋଗ୍ୟ ସେବା ପ୍ରଦାନ କାରି ବିମାନ ଭାବେ ପରିଗଣିତ ହୋଇ ପାରିଛି । ଭାରତୀୟ ବିମାନ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରୁ 'ଏଆର ଇଣ୍ଡିଆ'ର ବର୍ତ୍ତମାନ ୧୧୯ ଟି ବିଭିନ୍ନ କିସମର ବିମାନ ଥିବା ବେଳେ 'ଇଣ୍ଡିଗୋ' ର ୩୦୬ ଗୋଟି ବିମାନ , 'ଭିସ୍ତାରା' ର ୬୧ ଟି ବିମାନ, 'ସ୍ପାଇସ ଜେଟ' ର ୬୫ ଟି ବିମାନ, 'ଗୋ ଏଆର' ର ୫୪ ଟି ବିମାନ ଭାରତ ତଥା ଭାରତ ବାହାରକୁ ସେବା ଯୋଗାଉଛି । କ୍ଷତିରେ ଚାଲୁଥିବା ତଥା ୧୮ ହଜାର କୋଟି ଟଙ୍କାରୁ ଅଧିକ ଋଣ କରିଥିବା ରୁଗ୍ଣ ସଂସ୍ଥା 'ଏଆର ଇଣ୍ଡିଆ' କୁ ଟାଟା କମ୍ପାନୀ ନେବାପରେ ଏହାର ସ୍ଥିତି ଆଶାତୀତ ଭାବେ ବଦଳିବାରେ ଲାଗିଛି , ନିକଟ ଅତୀତରେ ଟାଟା-ଏଆର ଇଣ୍ଡିଆ ପୃଥିବୀର ସବୁଠାରୁ ବଡ଼ କ୍ରେତା ଭାବେ ୪୭୦ ଗୋଟି ନୂତନ ଉଡ଼ାଜାହାଜ କିଣିବା ପାଇଁ 'ବୋଇଙ୍ଗ' ଏବଂ 'ଏଆର ବସ୍' କମ୍ପାନୀକୁ ନିଜର ସ୍ୱୀକୃତି ପ୍ରଦାନ କରିଛି । ଏହାର ଆନୁମାନିକ ମୂଲ୍ୟ ୭୦ ବିଲିଅନ୍ ଆମେରିକୀୟ ମୁଦ୍ରା ବା ଭାରତୀୟ ମୁଦ୍ରାରେ ୫୭, ୩୭, ୦୪, ୬୦,୦୦,୦୦୦.୦୦ ଟଙ୍କା । ଏହି କ୍ରୟ ମଧ୍ୟରୁ 'ବୋଇଙ୍ଗ' ସଂସ୍ଥାକୁ ୨୨୦ ଟି ଏବଂ 'ଏଆର ବସ୍' ସଂସ୍ଥାକୁ ୨୫୦ ଟି ବିଭିନ୍ନ ମଡେଲର ବିମାନ ଯୋଗାଇବାକୁ ଅର୍ଡର ଦେଇଛି । ଆଉ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଭାରତୀୟ ଆକାଶରେ ହେବାକୁ ଯାଉଛି, ପୃଥିବୀର ଅନେକ ଦେଶର ନଜର ଏବେ ଭାରତ ଏବଂ ଏହାର ବିମାନ ସଂସ୍ଥା ଉପରେ ରହିଛି । ଜୁନ ମାସ ୨୦୨୩ ମସିହାରେ ଭାରତର 'ଇଣ୍ଡିଗୋ' ବିମାନ ଚଳାଚଳ ସଂସ୍ଥା 'ଏଆର ବସ୍' କମ୍ପାନୀକୁ ଏକସଙ୍ଗେ ୫୦୦ ମଧ୍ୟମ ଶ୍ରେଣୀର ଏ-୩୨୦, ଏ -୩୨୧, ଏ-୨୨୦ ଶ୍ରେଣୀର ବିମାନ କିଣିବାକୁ ଅର୍ଡର ଦେଇଛି ଯାହାର ମୂଲ୍ୟ କି ୫୦ ବିଲିୟନ ଆମେରିକୀୟ ଡ଼ଲାର ଏବଂ ଏହି ଉଡ଼ାଜାହାଜ ଗୁଡିକ ୨୦୩୦ ରୁ ୨୦୩୫ ମସିହା ମଧରେ' ଇଣ୍ଡିଗୋ'କୁ ମିଳିବ ।

ବିମାନସେବା କ୍ଷେତ୍ର ରେ ଏହି ପ୍ରକାର ଯୁଗାନ୍ତକାରୀ ପଦକ୍ଷେପ ନେବାରେ ପୃଥିବୀରେ ଭାରତ ପ୍ରଥମ , ଅନେକ ଦେଶର ରାଷ୍ଟ୍ର ମୁଖ୍ୟ ମାନେ ଭାରତର ଉନ୍ନତି ଦେଖି ଆଲୋଚନା ସମାଲୋଚନା କରିବାକୁ ମଧ ପଛାଉ ନାହାନ୍ତି । 'ଏଆର ଇଣ୍ଡିଆ'ର ୭୦ ବିଲିୟନ ଡଲାରର ଅର୍ଡର ତଥା 'ଇଣ୍ଡିଗୋ'ର ୫୦ ବିଲିୟନ ଡଲାର ର ଅର୍ଡର ପାଇବାପରେ 'ବୋଇଙ୍ଗ ' ଏବଂ 'ଏଆର ବସ' କମ୍ପାନୀର ମୁଖ୍ୟ ତଥା ଆମେରିକାର ରାଷ୍ଟ୍ରପତି ଜୋ ବାଇ ଡେନ୍ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକରନଙ୍କ ଖୁଶି କହିଲେ ନ'ସରେ, ପୃଥିବୀ ଇତିହାସରେ ଏହା ସବୁଠାରୁ ବଡ଼ ବିମାନ କ୍ରୟ କରିବାର ଅର୍ଡର ଭାରତ ଦେଇଛି । ଦୁଇଟି ଦେଶ ଆଗାମୀ ୧୦ ରୁ ୧୫ ବର୍ଷ ପର୍ଯ୍ୟନ୍ତ ତା'ଙ୍କ ଦେଶର ନାଗରିକ ମାନଙ୍କୁ ଅନେକ କର୍ମ ନିଯୁକ୍ତି ଦେଇ ପାରିବେ , ଦେଶର ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପଡିବ । ଫ୍ରାନ୍ସ ଏବଂ ଆମେରିକାର ରାଷ୍ଟ୍ରପତି ଭାରତର ପ୍ରଧାନମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି , ଏଥିରେ ଦୁଇ ଦେଶ ସହିତ ସମ୍ପର୍କ ନିଶ୍ଚିତ ଭାବେ ନିବିଡ଼ ହେବ । ପୃଥିବୀରେ ବିମାନ ସେବା ଯୋଗାଇ ଦେଉଥିବା ଦେଶ ମାନଙ୍କ ମଧ୍ୟରେ ଭାରତ ଏକ ଅଗ୍ରଣୀ ଦେଶ ହୋଇ ନିଶ୍ଚିତ ଭାବେ ଆବିର୍ଭାବ ହେବାକୁ ଯାଉଛି, ତେଣୁ ବର୍ତ୍ତମାନ ସମସ୍ତଙ୍କ ଦୃଷ୍ଟି ଭାରତ ଉପରେ ରହିଛି । ବିମାନ କ୍ରୟ ଦ୍ୱାରା ବୋଇଙ୍ଗ ଏବଂ ଏଆର ବସ୍ କମ୍ପାନୀ ଅନେକ ନୂତନ ନିଯୁକ୍ତି ପ୍ରଦାନ କରିବେ ଅନ୍ୟଥା ନିର୍ଦ୍ଧାରିତ ସମୟରେ ସେମାନେ ନୂତନ ବିମାନ ଭାରତକୁ ଯୋଗାଇ ପାରିବେ ନାହିଁ , ପ୍ରାୟ ଏକ ମିଲିଅନ ଆମେରିକୀୟ ବେକାର କର୍ମ ନିଯୁକ୍ତି ପାଇବେ ସେହି ତୁଳନାରେ ଫ୍ରାନ୍ସ ଦେଶରେ ମଧ ଅନେକ ଯୁବକ ଯୁବତୀ କର୍ମ ସଂସ୍ଥାନ ପାଇବେ । ଅନ୍ୟ ଏକ ଦୃଷ୍ଟିରୁ ଆମେ ଯଦି ବିଚାର କରିବା ତେବେ ଭାରତ କ'ଣ ପାଇବ? କେବଳ ଅର୍ଥ ବଦଳରେ ବିମାନ ଏବଂ କିଛି ଗୌରବ ? ଏହି ସବୁ ବିଷୟରେ ପୁଙ୍ଖନୁ ପୁଙ୍ଖ ଆଲୋଚନା କରି 'ବୋଇଙ୍ଗ/ ଏଆର ବସ' କମ୍ପାନୀକୁ ଭାରତରେ ତା'ଙ୍କର କିଛି ଯନ୍ତ୍ରାଂଶ ତିଆରି କରିବାକୁ କୁହା ଯାଇ ପାରିଥାନ୍ତା ବା ଭାରତରେ ଆସେମ୍ବ୍ଲିଙ୍ଗ ୟୁନିଟ ଖୋଲି ପାରିଥାନ୍ତେ ବା ଅନ୍ୟ କିଛି ଉପାୟରେ ଆମ ଦେଶର ବେକାର ଯୁବକ ଯୁବତୀ ମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ପାରିଥାନ୍ତେ କିନ୍ତୁ ପରିତାପର ବିଷୟ ଏହା ହୋଇ ପାରିନାହିଁ । ଏଥ ପ୍ରତି ସରକାର୍ ବା ଅର୍ଡର ଦେଇଥିବା ବିମାନ ସଂସ୍ଥା ନଜର ଦେଲେ ନାହିଁ । ଶୁଣାଯାଉଛି ଯେ, ଭାରତରେ ଜେଟ ଇଂଜିନ ତିଆରି କାରଖାନା ହେବ ତେବେ ତାହା ଖାଲି ଫାଇଲ ରେ ନ'ରହି କେବେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା । ଏକଶହ କୋଡିଏ ବିଲିୟନ ଆମେରିକୀୟ ଡ଼ଲାର ମୂଲ୍ୟର ବିମାନ କ୍ରୟ ହେଉଛି , ଲକ୍ଷାଧିକ ଫରାସୀ ଏବଂ ଆମେରିକୀୟ ବିଦେଶୀ ଯୁବକ ଯୁବତୀ କର୍ମ ସଂସ୍ଥାନ ପାଉଛନ୍ତି, ତେବେ ଭାରତୀୟ ବେକାର ଯୁବକ ଯୁବତୀଙ୍କ ହାତ କ'ଣ ଶୂନ୍ୟ ରହିବ? କର୍ମ ସଂସ୍ଥାନର ଆଶା କ'ଣ ଆଶାରେ ରହିଯିବ ? ଗୁଣୀ,ଜ୍ଞାନୀ , ଦେଶ ପ୍ରେମୀ ମାନେ ବିଚାର କରନ୍ତୁ ଆମ ଦେଶର ବେକାର ଯୁବକ ଯୁବତୀ ମାନଙ୍କ ଭବିଷ୍ୟତ କେତେ ଅନ୍ଧକାର ଆଉ କେତେ ଆଲୋକିତ ?

ଜୟ ହିନ୍ଦ

+'ସ୍ନେହ କୁଟୀର', ଝାଞ୍ଜିରୀ ମଙ୍ଗଳା,
କଟକ - ୭୫୩୦୦୯
ମୋ : ୯୯୩୭୧୭୪୦୯୭

# ବ୍ୟାପୁଛି ମଧୁମେହ : ବଢୁଛି ରୋଗୀଙ୍କ ସଂଖ୍ୟା



ଗୋପାଳ ମହାପାତ୍ର

ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେନସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଣ୍ଣକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମଧ୍ୟରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୂରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମଧ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ'ଣ ରୋଗକୁ ଆମନ୍ତ୍ରଣ କରୁଛେ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶଷ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମଧ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ ଫାଷ୍ଟଫୁଡ୍ ମଧ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ ।

ଭାରତରେ ମଧୁମେହ, ଏାଇଟି ଡିଜ୍ଅର୍ଡ୍ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମଧ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମଧ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେନସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମଧ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମଧ୍ୟରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ଆଡପ ଅବଢା

### ରାମଚନ୍ଦ୍ର ବେହେରା

ଆଷାଢର ଶୁକ୍ଳ ଶୁଭ ଦ୍ୱିତୀୟାରେ
ଆସେ ପୁଣ୍ୟ ଶ୍ରୀଗୁଣ୍ଡିଚା
ଭାଇ ଭଉଣୀଂକ ସହ ଦାରୁବ୍ରହ୍ମ
କରଇ ରଥରେ ଯାତ୍ରା।
ଭକତଂକ ଇଛା ପୂରଣ ନିମନ୍ତେ
ରତ୍ନ ସିଂହାସନ ଭୁଲି
ନନ୍ଦିଘୋଷ ରଥେ ହୋଇ ଉପବିଷ୍ଟ
ଜନ୍ମ ବେଦୀ ଯାଏ ବୁଲି।
ସପ୍ତମୀ ଅଷ୍ଟମୀ ନବମୀ ତିଥିରେ
ସନ୍ଧ୍ୟାଧୂପ ନୀତି ପରେ
ଚତୁର୍ଦ୍ଧା ମୂରତୀ ବିଜେ ହୋଇଥାନ୍ତି
ପୁଣ୍ୟ ରାସ ମଣ୍ଡପରେ।
ରାସ ମଣ୍ଡପରେ ପ୍ରଭୁଂକ ଦର୍ଶନ
ରାତ୍ରୀକାଳେ ଯିଏ କରେ
ଦଶଗୁଣ ପୁଣ୍ୟ ପ୍ରାପ୍ତି ହୋଇଥାଏ
ଲେଖାଅଛି ପୁରାଣରେ।
ଜନମ ବେଦୀରେ ତିନି ଠାକୁରଂକ
ଅପୂର୍ବ ସେ ବେଶଭୂଷା
ଆଡପ ଅବଢା ମୁହଁକୁ ଛୁଇଁଲେ
ପୂର୍ଣ୍ଣହୁଏ ଅଭିଳାଷା।
ଆଡପ ଅବଢା ଅତ୍ୟନ୍ତ ପବିତ୍ର
ସଂସାରେ ଏହା ବିଦିତ
ଶ୍ରଦ୍ଧାଳୁ ତାହାକୁ ଶ୍ରଦ୍ଧାରେ ଭୁଂଜିଲେ
ଶୁଦ୍ଧ ହୋଇଥାଏ ଚିତ୍ତ।
ନଅ ଦିନ ରହି କାଳିଆ ଠାକୁର
ପୋଡପିଠା ଖାଇଥାନ୍ତି
ପବିତ୍ର ଦଶମୀ ଆସନ୍ତେ ସାଆନ୍ତ
ଶ୍ରୀମନ୍ଦିରକୁ ଫେରନ୍ତି।
ବରଷକୁ ଥରେ ଆସନ୍ତି ଗୋସେଇଁ
ପ୍ରିୟ ଜନମ ବେଦୀକୁ
ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଆସନ୍ତି
ସୁଖ ଦୁଃଖ ବାଣ୍ଟିବାକୁ।
ଅଗଣିତ ଭକ୍ତ ତା'ର ନାମ ଜପି
ଦେଖନ୍ତି ଅପୂର୍ବ କାନ୍ତି
ପୁଣ୍ୟ ସଂକିର୍ତ୍ତନ କାନରେ ଶୁଣନ୍ତି
ମିଳଇ ପରମ ଶାନ୍ତି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ: ୩୫୫୬୩୪୩୪୬

## ସଂଘର୍ଷ

### ଶିବପ୍ରସାଦ ବାହିନୀପତି

ସଂଘର୍ଷ ;
ପରସ୍ପର ମଧ୍ୟେ ଘର୍ଷଣ
ସଂଘବଦ୍ଧ ଆକ୍ରମଣ
ଶୂନ୍ୟ ହସ୍ତେ ଯୁଦ୍ଧ ।
ଯାହା ମୋ ଜୀବନରେ ଚାଲିଛି
ପ୍ରତି ମୁହୂର୍ତ୍ତରେ ଅହରହ
କରିଚାଲିଛି ସଂଘର୍ଷ
ଜନ୍ମ ସମୟରୁ ଏଯାବତ୍ ।
ନା ପାଇଛି ମାଆର ମମତା
ନା ମିଳିଛି ପିତୃ ପ୍ରେମ ମୋତେ ;
ଜନ୍ମରୁ ଯନ୍ତ୍ରଣା ଜର୍ଜରିତ
ଜତୁ ଗୃହେ ସଢୁଛି ଜୀବନ ।
ଜନ୍ମରୁ ମୁଁ ଯୌବନ ପର୍ଯ୍ୟନ୍ତ
ଯେଉଁ ସବୁ ପରିସ୍ଥିତିକୁ
ସମ୍ମୁଖୀନ ହୋଇଛି ସେସବୁ
କେତେ ଦୁଃସହ୍ୟ ମୁଁ ହିଁ ଜାଣେ ।
ମୁଁ ଜମା ନିଃସଙ୍ଗ ନୁହେଁ,
ମୋ ସହିତ ଅଛନ୍ତି ଲୁହ କୋହ
ଯନ୍ତ୍ରଣା
ଅଙ୍ଗାଙ୍ଗୀ ଭାବେ ଜଡିତ ଏମାନେ
ଆଜି ଯାଏଁ ସ୍ଥଗିତ ହୃଦ କନ୍ଦରେ ।
ଏହି ତିନି ଜଣଙ୍କ ନିମିତ୍ତ
ପ୍ରତି ମୁହୂର୍ତ୍ତେ ପ୍ରତି କ୍ଷଣେ ଚାଲିଛି
ଖୁସି ସହିତ ମୋର ସଂଘର୍ଷ ;
ବତିଶି ବର୍ଷ ବିତି ଗଲାଣି ।
ଜିଣିବା ପାଇଁ ସଂଘର୍ଷ କରି
ଅକାରଣେ ପରାଜୟତା ସ୍ୱୀକାର
ମୁଁ ତ କେବଳ ହରେଇବା ଶିଖିଛି
ପାଇନି କି ପ୍ରାପ୍ତି ଆଶା ବି ରଖିନି ।
ଜଣଙ୍କ ପରେ ଜଣେ ଆତ୍ମୀୟ
କେଉଁ ଅଭିମାନରେ ଜାଣିନି
ନିଃସଙ୍ଗ ସଜେଇ ଚାଲିଗଲେ ମତେ
ମାତ୍ର ଗୋଟିଏ ବର୍ଷ ବ୍ୟବଧାନରେ।
ତଥାପି କଦାପି ଭାଙ୍ଗି ମୁଁ ପଡିନି
ଏକାକୀ ଜୀବନର ସଂଘର୍ଷ
ଏବେ ବି ଜାରି ରହିଛି ମୋର
ଚେଷ୍ଟିତ ମୁଁ ଏକା ବଞ୍ଚିବାକୁ ।
ଉଦରର କ୍ଷୁଧା ଯନ୍ତ୍ରଣାର
ଉପଶମ ପାଇଁ ଆଉ ସଂସାରରେ
ବଞ୍ଚି ରହିବାକୁ ସଂଘର୍ଷ କରିଛି
ଅନ୍ୟ ଆଗେ ହାତ ପାତି ମୋର ।
ହସିବାର ଅଭିନୟ କରି
ଆଉ କାହା ଓଠେ ହସ ଟିକେ ଦେଖି
ମିଛ ଖୁସି ହେବାର ପ୍ରୟାସ
ମୋ ଜୀବନର ଏକ ବଡ ସଂଘର୍ଷ ।
ପ୍ରତୀୟମାନ ହେଉଛି ମୋତେ
ଏମିତି ଲାଗୁଛି ଯେମିତି କି
ସଂଘର୍ଷମୟ ଜୀବନ ମୋର
ଯାହାର ନାହିଁ ପରିସମାପ୍ତି ।

+ପ୍ରତିଷ୍ଠାତା / ମୁଖ୍ୟ ସମ୍ପାଦକ -
ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡା,ନିରାକାରପୁର କଣାସ
(ପୁରୀ )
ମୋ- ୮୯୧୭୪୮୦୫୩୬



## ବାହୁଡ଼ା ସାଆନ୍ତ

### ତାରାପ୍ରସାଦ ଜେନା

ବାହୁଡ଼ା ସାଆନ୍ତ ବାହୁଡ଼ିବ ବୋଲି
ଲଗାଇ ଦେଇଛ ମେଳି
ମାଆ ସାଆନ୍ତାଣୀ ବୁଲେଇ ନେଇନ
ରାଗରେ ଉଠନ୍ତି ଜଳି
.....ବାହୁଡ଼ା ସାଆନ୍ତ ବାହୁଡ଼ିବ
ବୋଲି .... !
ବଡ଼ଦାଣ୍ଡେ ରଥ ଲେଉଟି ଆସିବ
ଭାବର ଦେଉଳ ବଡ଼
ଦିନ ଦୁଃଖୀ ରଙ୍କ ପରାଣ ଦେବତା
ମୁରୁଛି ହେବନି ଆଡ଼,
ଭକତର ମୋହ ଆନନ୍ଦର ଲୁହ
ଆଖିରୁ ପଡୁଛି ଗଳି
.....ବାହୁଡ଼ା ସାଆନ୍ତ ବାହୁଡ଼ିବ
ବୋଲି .... ।
ହରିବୋଲ ସାଥେ ହୁଳହୁଳି ଶୁଭେ
ବାଜୁଛି ଘଣ୍ଟାକୁ ବାଜା
ତିନି ରଥେ ସେବା ଆଲଟ ଚାମର
ଠାକୁର ବଢ଼ିଆ ସଜା,
ମନସ୍କାମନାକୁ ପୂରଣ କରିବେ
ଭକତ ଟିକିଏ ଛଳି
.....ବାହୁଡ଼ା ସାଆନ୍ତ ବାହୁଡ଼ିବ
ବୋଲି .... ।
ଚକା ଚକା ଆଖି ପହଡ଼ ପଡୁନି
ଜଗତ ମୋହନ କାର୍ଯ୍ୟ
ଜଗତଯାକର ଜଞ୍ଜାଳ ମୁଣ୍ଡେଇ
ଭରସା ପଣକୁ ଧାର୍ଯ୍ୟ,
ଏମିତି ସାଆନ୍ତ ଜଗତରେ ନାହିଁ
ପତିତପାବନ ଭଳି
.....ବାହୁଡ଼ା ସାଆନ୍ତ ବାହୁଡ଼ିବ
ବୋଲି .... ।

ରାଜ ରଣପୁର,ନୟାଗଡ଼,
ପିନ୍-୭୫୨୦୨୬,
ମୋ- ୯୩୪୮୦୫୪୩୦୦

## ପ୍ରେମରେ

### ସୁଧାଂଶୁ ଶେଖର ଦ୍ୱିବେଦୀ

ମୋତେ ଯେବେ ପ୍ରେମ ହୁଏ
ମୋ ଭିତରେ ଗୋଟେ କବିତା
ଜନ୍ମ ହୋଇଯାଏ।

ମୋତେ ଯେବେ ପ୍ରେମ ହୁଏ
ମୋ ଭିତରେ ଗୋଟେ ଛଳଛଳ
ନଦୀ
ବୋହିବାକୁ ଲାଗେ।

ମୋତେ ଯେବେ ପ୍ରେମ ହୁଏ
ସାରା ଦୁନିଆ ପ୍ରେମମୟ ହୋଇ
ମୋ ଭିତରେ ମିଶିଯାଏ।

ମୋତେ ଯେବେ ପ୍ରେମ ହୁଏ
ମୋ ଭିତରେ ଗୋଟେ କୋଇଲି
କୁହୁ କୁହୁ ଗୀତ ଗାଏ।

ମୋତେ ଯେବେ ପ୍ରେମ ହୁଏ
ଦେହରୁ ଦେହାତୀତ
ମାନରୁ ମସ୍ତିସ୍କ
ଆତ୍ମାରୁ ପରମାତ୍ମା
ପ୍ରେମରେ ମାଜିଯାଏ।

+ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨

## ଏକ ଚତୁର୍ଦ୍ଦଶପଦୀ
### ଭରତ ଚନ୍ଦ୍ର ଦାଶ



ନିରବ ଅଧର କରିପାରେ ଦୂର ଜୀବନ ଯାତନା ଯେତେ
ଚଲାପଥେ ତୁମ ସଜାଇଛି ପ୍ରିୟ ତନୁଲତା ପୁଷ୍ପ ଫଳେ

ଆଶାର ଆଲୋକେ ଜୀବନର ବୃକ୍ଷେ ଫଳିଛି ଫସଲ କେତେ
ନିରବତା ଆଣେ ସୃଜନର ଆଶା ସମୟ ସରଣୀ ଡାଳେ।

ସ୍ମିତହାସ ଯେବେ ଅଧରରେ ଆସେ ସଂସାରକୁ ବାନ୍ଧି ଧରେ
ଅଧରର ହସ କରିପାରେ ବଶ ଭାଙ୍ଗେ ପୁରୁଷର ଦମ୍ଭ
ଓଷ୍ଠେ ଥିଲେ ହସ ଜିଣିପାରେ ବିଶ୍ୱ ଜଗତ ଆପଣା କରେ
ମୃଦୁମନ୍ଦ ହସ ସୃଜାଏ ବିଶ୍ୱାସ ଭରେ ପୀୟୂଷର କୁମ୍ଭ ।

ତନୁଲତା ଏବେ ରହେ ଦୂରେ ବହୁଦୂରେ ଅପହଞ୍ଚ ଇଲାକା
ବେଳେ ବେଳେ ବାର୍ତ୍ତା ଦିଏ ଲେଖେ ପୁଣି ଜୀବନ ଦର୍ଶନ

ତା' ବାର୍ତ୍ତା ପଢିଲା ପରେ ଚିନ୍ତନରେ ବୁଡେ ବସି ଏକା ଏକା
ଜୀବନ ନଶ୍ୱର ପୁଣି ଏହି ଅଛି ଏହି ନାହିଁ ପ୍ରେମ ଚିରନ୍ତନ।

ସୃଜନର ଡାଳେ ବିବିଧବର୍ଣ୍ଣା ତନୁଲତା ଫଳାଇଛି ଫଳ
ସୃଜନର ଅନ୍ତରାଳେ ତନୁଲତା ପ୍ରେମ ହୋଇନି ନିଷ୍ଫଳ।


❤ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର -୭୫୬୧୨୬
ମୋ: ୯୪୩୭୩୭୨୧୬୬


## ଦେହେ ମାଖିଛି...
### ଦୀପିକା ଦାଶ



ଦୃଷ୍ଟି ବଳୟର ସୀମାରେଖା ଡେଇଁ
ତୁମେ ଗଲାବେଳେ
ଅସ୍ତଗାମୀ ଦିବାକର ସହ
ଧୀରେ ଧୀରେ ଅସ୍ପଷ୍ଟ ହୋଇ ଯାଉଥିଲା
ମସ୍ତକରେ ଶୋଭା ପାଉଥିବା
ମୟୂର ଚନ୍ଦ୍ରିକାର ଶେଷ ଭାଗ।

ଆହା..!
ବିଦାୟ ବେଳେ ଅନ୍ତତଃ ପକ୍ଷେ
ପଛକୁ ବୁଲି ଚାହିଁଥାଆନ୍ତ
ଦୁଇ ଅଶ୍ରୁସିକ୍ତ ନୟନର ନିବେଦନକୁ ।
ଅକାରଣେ ଏଇ କରୁଣ ଉପାଧି କାହିଁକି ?
ତେବେ କୁହ
କଣ କହି ତୁମକୁ ସମ୍ବୋଧନ କରିବି ?

କଣ୍ଟ ଭାଙ୍ଗି ପଳାତକ ସାଜିଥିବା ଏକ
'ପ୍ରେମିକ'ନା ତୁମେ , ମୁଁ ଆଉ କର୍ତ୍ତବ୍ୟର
ତ୍ରିକୋଣୀୟ ପ୍ରେମ ମଧ୍ୟରେ
ଅହରହ ଅନାବିଳ ଆବେଗକୁ
ହତ୍ୟା କରୁଥିବା ଏକ 'ନିର୍ଦ୍ଦୟ ପୁରୁଷ ' ।

ତୁମେ ଗଲା ପରେ ପରେ
ଘୋଟି ଆସିଛି ଅଦିନିଆ ଝଡ଼, ତୋଫାନ
'ରାତି'....!
ସେ ତ ଅପାଦ ମସ୍ତକ ଖୁବ୍ ସ୍ନାନ କରିଛି
ଆଗରୁ କେବେବି ବର୍ଷିନଥିବା
ଏଇ ରହସ୍ୟମୟୀ ଅଥଚ ପ୍ରାଣବନ୍ତ
ରଜନୀର ବର୍ଷା ଜଳରେ ।
ଲାଗୁଛି , କେହି ଜଣେ ଯେମିତି
ଘୁମ୍ରେଇ ଘୁମ୍ରେଇ କାନ୍ଦୁଛି
ତା ଏକାନ୍ତ ଲୋଡ଼ିବାପଣର
ନିଜ ଅପାରଗତା ଭିତରେ ।

ପ୍ରଭାତର ମଧୁର କାକଳି
ଦ୍ୱିପ୍ରହରର ଘର୍ମାକ୍ତ ସ୍ୱପ୍ନ ଭଳି ଅଦୃଶ୍ୟ ହୁଏ
ମୋ ନୀରବତାର ଅଂଶୀଦାରରେ ।

ତମାମ ପ୍ରତିଶ୍ରୁତି,
ଯେତେସବୁ ଅଫେରା ସୁଖଦ ମୁହୂର୍ତ୍ତ
ଜଳି ପୋଡ଼ି ଯାଏ
ବାଳାରୁଣଙ୍କ କଅଁଳ ଖରାରେ ।

ଶୟନକକ୍ଷ ସାରା କାଦୁଅର ପରିଚିତ
ପଦଚିହ୍ନ
ସ୍ମୃତିରେ ମହକୁଛି ପ୍ରକୋଷ୍ଠର କୋଣ
ଅନୁକୋଣ, ଦେଖ କେମିତି
ସଦ୍ୟ ତୋଳିଆଣିଥିବା କେତକୀ ମଧ
ଈର୍ଷାରେ ମୃତ୍ୟୁଲଭି ଏବେ ବାସହୀନ ।

ଭାବୁଛି ସ୍ମୃତି ସବୁକୁ ଦାହ କରି
ଯମୁନା ଜଳରେ ଶୁଦ୍ଧି ହେବି ।
କିନ୍ତୁ ତୁମେ ଯେ,
ମୋ ଅନ୍ତଃକରଣରେ ଫୁଟି ହସୁଥିବା
ଚିର ଅମଳିନ ସୁକୋମଳ ବଧୁଲି ଫୁଲ ।
ଯାହାର ରକ୍ତିମ ରଙ୍ଗ କେବଳ
ଶରୀର କଣ
ମନ, ପ୍ରାଣ, ଆତ୍ମାରେ ମଧ
ମାଖି ନେଇଛି ।
ଆକାଶର ଅବଶିଷ୍ଟ ମେଘମାଳା
ଆଖିକୁ ଓହ୍ଲାଇଆସି
ଛାଆଁକୁ ଛାଆଁ ବର୍ଷିଗଲେ ବି
ସେ ରଙ୍ଗକୁ ଏତେ ସହଜରେ
ଲିଭେଇପାରୁଛି ? ❤❤

## ମୌସୁମୀ
### ବସନ୍ତ କୁମାର ପଣ୍ଡା



ଆକାଶ ଉଦରୁ ଟୁପୁରୁ ଟାପୁରୁ
ବିନ୍ଦୁ ବିନ୍ଦୁ ଝର ଝରିଲା
ସୁମଧୁର ତାନେ ସୁଦୂର ଗଗନେ
ମଉସୁମୀ ଆସି ନାଚିଲା ।

ଜାଣି ବସୁମତୀ ଅନୁରାଗେ ଅତି
ହାତ ମେଲି ନେଲା କୋଳେଇ
ପୂରୁବ ପଶ୍ଚିମ ଉତ୍ତର ଦକ୍ଷିଣ
ନେଇଗଲା ସଙ୍ଗେ ବୁଲେଇ ।

ବୁଲୁ ବୁଲୁ ବାଟେ ସୁଖା ନଇ ତୁଠେ
ଭଲ ମନ୍ଦ କଥା ପଚାରେ
ନିଦାଘ ବେଳାର ବେଦନା ଅପାର
ବସୁନ୍ଧରା କହେ ହଜାରେ ।

ବିଦେଶ ଖବର ଅଟଇ ଜବର
ମଉସୁମୀ କହେ ଦୁଃଖରେ
ଆସୁ ଆସୁ କେତେ ବଇରୀ ଆଘାତେ
ହୁଡ଼ି ଯାଇଥିଲା ବାଟରେ ।

ଦକ୍ଷିଣ ସାଗର କରିବାରୁ ପାର
ଛାତିରେ ଜୀବନ ପଶିଲା

ଏହି ମାଟି ଛୁଇଁ ସବୁଆଡେ ଚାହିଁ
ଦେଖି ଆପଣାର ଲାଗିଲା ।

ବିଶୁଦ୍ଧ ପାବନ ଏ ମାଟି ଚନ୍ଦନ
ଟୋପାଏ କପାଳେ ଛୁଆଁଇ
ଦେବା ଦେବୀ ସ୍ମରି ଧୀରେ ଧୀରେ କରି
ପାଦ ନେଲା ଆଗେ ବଢ଼ାଇ ।

ମୌସୁମୀ ପରଶ ପାଇ ଦୂବଘାସ
ପୁଣି ଚେତା ଫେରି ପାଇଲା
ଶୀତଳ ଶୀତଳ ବାରିଦର ଜଳ
ପାଇ ଗ୍ରୀବା ଟେକି ଚାହିଁଲା ।

ବନ ଉପବନ ଝାଉଁଳା ବରଣ
ତେଜି ସବୁଜିମା ପ୍ରକଟେ
ଓଦା ସଞ୍ଜବେଳ ଦିଶଇ ମଞ୍ଜୁଳ
ଖଦ୍ୟୋତର ଜ୍ୟୋତି ଚହଟେ ।

ମହୋଦଧି କୂଳେ ଭକତଙ୍କ ମେଳେ
ରଥ ଚଢ଼ି କଳା ଠାକୁର
ଗୋଲକ ଲୋଚନ ଖୋଲି ଭଗବାନ
ଶୁଣୁଥିଲେ ଦୀନ ଆତୁର ।

ଆସି ମଉସୁମୀ ଚରଣେ ପ୍ରଣମି
ମାଗିଲା ଅସୀମ ଆଶିଷ
ବୋଇଲା ସହସା ଝରିବ ବରଷା
ମନଛୁଆଁ ଏହି ବରଷ ।

କହିଲା ଧରଣୀ ନେବାକୁ ମେଲାଣି
ଚାଲିବାକୁ ଅଛି ଅନେକ
ଭେଟିବା ଶଙ୍କର କଇଳାଶ ପୁର
ଅଦ୍ଭୁତ ଡମ୍ବରୁ ବାଦକ ।

ହିମ ବଳେ ଭୋଳେ ଅଛନ୍ତି ନିଷ୍ଫଳେ
କୋପ ସମ୍ଭାଳିଛି ଶୀତଳ
ବଢ଼ିଯିବ କୋପ ବଢ଼ିଲେ ଉତ୍ତାପ
ହିମ ଖଣ୍ଡ ହେଲେ ତରଳ ।

ନହେଉ ବିଳମ୍ବ ଯେତେକ ସମ୍ଭବ
ପହଞ୍ଚ ଶିବଙ୍କ ଆଳୟ
ବଉଦରୁ ଜଳ ଅବିରତ ଢାଳ
ନହେଉ ଜଗତେ ପ୍ରଳୟ ।


❤ବଇଞ୍ଚା, ଇରମ, ଭଦ୍ରକ
ମୋ: ୮୯୭୯୪୪୭୦୩୬


## ଅନୁତାପ
### କବି ଭାରତୀ ସରିତା ମହାନ୍ତି



ଜୀବନ ହସ କାନ୍ଦ
ଖରା ଛାଇ ସୁଖ ଦୁଃଖ
ହାନିଲାଭ ର ସମ୍ମିଶ୍ରଣରେ
ମାନ ଅଭିମାନ ରାଗ ରୋଷ ଭିତରେ
ସାଉଁଟି ହୋଇଯାଏ ଜୀବନର
ଅନେକ ସ୍ମୃତି ଅନୁଭୂତି।
ଗଦା ଗଦା ସ୍ମୃତି ମଧ୍ୟରୁ
କେତେବେଳେ ଆସିଥାଏ ଅତି
ଆପଣାର ହୋଇ ଏହି
ଅନୁତାପ ଶବ୍ଦ ଟିଏ।
କରିଦିଏ ଜୀବନକୁ ଛିନ୍ନ ଭିନ୍ନ,
ଅନୁତାପ ନିଆଁରେ ଦଗ୍ଧିଭୂତ ହୋଇ
ଶରୀର ହୁଏ ଜରାଜୀର୍ଣ୍ଣ ।

ସତରେ ଅନୁତାପ କେତେବେଳେ
ମଣିଷକୁ କରିଥାଏ
ଶାନ୍ତ ସ୍ନିଗ୍ଧ
ତ କେତେବେଳେ
ଲାଭା ଉଦ୍ଗୀରଣ ଅଗ୍ନିଶିଖା ।
ସେ ଅନୁତାପ ସୁଖରେ ତ ଦୁଃଖରେ
ସେ ଅନୁତାପ ଘୃଣାର
ନା ଅବିଶ୍ୱାସର ?
ସେ ଅନୁତାପ ହିଂସାର ତ କ୍ରୋଧର

ସେ ଅନୁତାପ ପ୍ରତାରଣାର ନା
ଶଠତାରେ।
ତଥାପି କେତେବେଳେ କାହା
ଜୀବନକୁ ସଜାଡି ପ୍ରସ୍ଫୁଟିତ
କରାଇ ଦେଇ ଥାଏ
ନୂତନ ଦିଗ୍ଦର୍ଶନ,
ଶିଖେଇଥାଏ ବଞ୍ଚିବାର ରାହା
ପୁଣି କାହା ଜୀବନକୁ ଅନୁତାପରେ
କରାଏ ଭସ୍ମୀଭୂତ
ଛାତ୍ର ଛାତ୍ରୀ ପାଖେ ବେଶ୍ ପରିଚିତ,
ପ୍ରେମୀଯୁଗଳଙ୍କର ସେ ଚିର
ସହଚର
ଆଶୀର୍ବାଦ ଆଉ ବୃଦ୍ଧ
ପିତାମାତାଙ୍କର ଆଶା
ଅମାନିଆ ପୁଅଝିଅ ଯେତେ ବେଳେ
ନିଜେ ହୁଅନ୍ତି ବାପା ମାଆ ସେତେ

ବେଳେ ତାଙ୍କ ପାଖରେ କିଛି ନ ଥାଏ
ଥାଏ କେବଳ ଦରଦୀ ସାଥୀ ଟେ
ହୋଇ ରହିଥାଏ ଏହି ଅନୁତାପ।
ଧନ ପ୍ରଚୁର୍ଯ୍ୟରେ ଅନ୍ଧ ହୋଇ ମଣିଷ
ନିଜର ବିବେକ ହରେଇ ବସେ ....
ସମୟ କରାଳ ଚକ୍ରରେ
ନିଜେ ବାନ୍ଧି ହେଲା ପରେ ସଖା
ସହୋଦର,
ଆତ୍ମୀୟ ସ୍ୱଜନ କେହି ବି କିଛି ବି
ନ ଥାଏ ଥାଏ ସେତେବେଳେ ସେଇ
ନିଃସହାୟ ମଣିଷଟି
ଆପଣେଇଥାଏ ଏହି
ଅନୁତାପକୁ।
ଆଃ.... କି ସୁନ୍ଦର !
ଶବ୍ଦଟି ସତେ ଏ ଅନୁତାପ।
ପ୍ରତୀକ୍ଷା କରି ବସିଥାଏ
କେତେ ବେଳେ କିଏ କେଉଁ
ମୁହୂର୍ତ୍ତରେ ଆପଣେଇବ
ଆଉ ସେ ତା'ର
ହୋଇଯିବ ଅତି ନିଜର।
ହଁ ସମୟ ଅନୁସାରେ
ମଣିଷର ଅତି ନିଜଠୁ ବି ଯିଏ ନିଜ ହୁଏ
ସେହି ଅନୁତାପ.....
କେବଳ ଅନୁତାପ।


❤ବାଲିଆପାଳ, ବାଲେଶ୍ୱର


## ଅନ୍ତସ୍ୱର
### ଅଳକା ରାୟ



ସକାଳ ବେଳାଟି ସବୁବେଳେ ଶାନ୍ତ
ସାରା ଦିନଟି ପାଇଁ
ସଜାଡ଼ି ଦିଏ ବାଟ ଘାଟ
ସାରା ଦିନଟି ପାଇଁ କଷିଦିଏ ଅଙ୍କ
ହେଲେ ବିଗତ ଦିନର କିଛି
ଅସମାହିତ ଅଙ୍କ
ଅସ୍ତବ୍ୟସ୍ତ କରେ ମନର ମାନସାଙ୍କ
ଯାହା ସକାଳ ଚଢେଇଙ୍କ କେଳି କାକଳୀ
ଓ ଲୋହିତ କିରଣ ର ବଳୟ ଭେଦି
ଚରିଯାଏ ଦେହ ଓ ମନରେ।

ଏ ନୀଳ ଅସିମ ଆକାଶ
ଶୀତଳ ବାଆ
ସବୁଜ ଶ୍ୟାମଳ ଧରଣୀ
ଯାହା ତୋଳି ଧରିଛି ଚଳ ଚଞ୍ଚଳ ଜୀବନକୁ
ଆପଣାଇ ସେଇ ଚଳମାନ ପ୍ରକ୍ରିୟା କୁ
ଭାବୁଛି, ବଞ୍ଚି ଯିବି ଆଉ କିଛି ଦିନ
ସଜାଡ଼ି ମନକୁ।

ଏମିତି ଏକ ଭାବନାର କୁହୁ ଗୀତ
ଯେବେ ଆନ୍ଦୋଳିତ କଲା ମନକୁ

ଜୀବନର ବ୍ୟାପ୍ତିକୁ ଅନୁଭବ କରି
ମୋ ଦେହ କିନ୍ତୁ ଫେରୁଥିଲା
ତା ନିଜ ବାଟେ ନିଜ ଘରେ,
ମୁଁ କିନ୍ତୁ ଥିଲି ଏକ ଅଲଗା ଦୁନିଆରେ
ଯେଉଁଠି ଦେହ ଠାରୁ ଅଲଗା ହୋଇ
ମନ ଶୁଣୁଥିଲା ଅଭ୍ୟନ୍ତରରୁ
ଜୀବନର ଅନ୍ତସ୍ୱର।


❤ ନୟାପଲ୍ଲୀ
ଭୁବନେଶ୍ୱର
(ମୋ) ୭୯୭୮୩୩୨୦୬୧.




## ତମେ ଯେବେ ଚାଲିଯାଅ
### ଦୀପକ କୁମାର ମିଶ୍ର

ତମେ ଯେବେ ଚାଲିଯାଅ ହୃଦୟକୁ ଛାଡ଼ି
ଅପନ୍ତରା ଇଲାକାରେ ବସେ ମୁହଁ ପୋତି
କହିବାକୁ ଭାଷା ନାହିଁ ଲେଖିବାକୁ
ଭାବ ନାହିଁ
ବର୍ଷା ବିନା ଆଷାଢ଼ଟା କାଟିବି କେମିତି !

ଶୁଷ୍କ ଓଠ, ଆଁ ଆଖି,
ପ୍ରିୟା ବିନା ସବୁ ରାତି
ତାରା ବିନା ଆକାଶଟା ଖାଁ ଖାଁ ଲାଗେ
ବିନା ଚଇତାଳି ସନ୍ଧ୍ୟା ଶେଜକୁ
କୁସୁମ ମନା
ଅମଧୁର ସଙ୍ଗୀତରେ ଜୀବନକୁ ମାଖେ ।

କିଆଁ ଆଜି ପବନରେ ଆର୍ଦ୍ରତା
ନରମି ଯାଏ
ପ୍ରେମର ସାନ୍ଦ୍ରତା ପୁଣି ଯାଏ କମି କମି
ତୁମରି ଅଭାବବୋଧ ଆକାଶେ
ନିଦାଘ ଭରେ
ସକାଳ ଯୌବନ ଅକାଳେ ଯାଏ
ଗୋ ସରମି ।

ତୁମେ ପ୍ରିୟେ ଫେରିଆସ ମନରୁ
ଗୁମାନ ହାରି
ବାଦେଇ ମଉସୁମୀ ପୁନଃ ଫେରିବ ନିହାତି
ରିହାତି ପ୍ରେମରେ କାହିଁ ସବୁ ରାତି
ତାରକଷି
ସ୍ୱର୍ଣ୍ଣ ପୂର୍ଣ୍ଣ ପ୍ରୀତି ଲଗ୍ନ ଯେ ରହିଅଛି ମାତି ।

ତୁମ ବିନା ଆନମନା ମନ ଆଜି ଚୁନା ଚୁନା
ବିକଳ ଆକୁଳ କଣ୍ଠେ କରେ ନିବେଦନ
ଖରାକୁ ବି ଭାବେ ସରା ତୁମେ
ଯଦି ଦିଅ ଧରା
ଭରିଦିଅ ଜୀବନରେ ଶେଷ ପ୍ରୀତି ସ୍ୱନ ।


❤ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ମୌସୁମୀ ବର୍ଷା
### ଡଃ ମାଙ୍ଗଳିକା ମହାପାତ୍ର



ଏସନ ବର୍ଷା ରେ କାହିଁ ଗଲ ଗୋ ତୁମେ..
ସତରେ କଣ ମୋ କଥା ପଡୁନି ମନେ..
ମୌସୁମୀର ପ୍ରଥମ ବର୍ଷାରେ ଭିଜିଲା ବେଳେ..
ଖୋଜୁଥିଲି ତୁମକୁ ଅଧିରେ ସଞ୍ଜ ସକାଳେ..

ଗତ ଥର ସାଙ୍ଗ ହେଇକି ଭିଜିଥିଲେ ଗୋଟେ ଛତା ତଳେ...
ଭୁଲିବାକୁ ଚେଷ୍ଟାକରି ବି ଭୁଲିପାରୁନି ଯେତେ ଚାହିଁଲେ...
ଆକାଶରେ ମେଘକୁ ଚାହିଁ ଚାହିଁ ଆଖିରୁ ଲୁହ ବୋହିଗଲେ...
ହୃଦୟରୁ ଦୀର୍ଘଶ୍ୱାସ ବାହାରି ଆସେ ତୁମେ ମନେ ପଡିଲେ...

ମନେ ଅଛି, ଭେଟିଥିଲେ ଆମେ ଝଡି ବରଷାରେ...
ଭିଜୁ ଭିଜୁ ସାହାରା ନେଇଥିଲି ତୁମ ଛତାରେ...
ଭିଜା ଭିଜା ଲୁଗାରେ ମରି ଯାଇଥିଲି ସରମରେ...
ତୁମେ କିନ୍ତୁ ଚାହିଁ ରହିଥିଲ ଯେ ଅତି ଆଶ୍ଚର୍ଯ୍ୟରେ...

ଝିପି ଝିପି ବରଷାର ସେଇ କୋମଳ ପରଶ ରେ...
ଦେହ ସହ ମନ ଭିଜି ଯାଇଥିଲା ଅଜାଣତରେ ...
ବର୍ଷାର ସେ ଛିଟା ଓଦା କରୁଥିଲା ଦେହକୁ ସିନା..
ହେଲେ ପରଶ ତାର ମନରେ ଲଗାଉ ଥିଲା ନିଆଁ...

ଆଜି ଆସିଛି ତ ସେ ନିଆଁଲଗା ବରଷା
ହେଲେ ନାହିଁ ତୁମ ସାଥେ ଭିଜିବାର ଆଶା
କୁହ କରିବି କେମିତି କାହାକୁ ଭରସା...
ଧୈର୍ଯ୍ୟ ନାହିଁ ଆଉ ସାଉଁଟିବାକୁ ନିରାଶା...


❤ରେଭେନସା ବିଶ୍ୱବିଦ୍ୟାଳୟ


## ମୁକ୍ତି ମୋହ
### ମମତା ରାଣୀ ଦାଶ



ଦୁନିଆରେ ମୁକ୍ତି କିଏ ବା ନଖୋଜେ....
ପଶୁପକ୍ଷୀ ମୁକ୍ତି ଲୋଡ଼ନ୍ତି ମଣିଷ ବି....
କିନ୍ତୁ, ସାରା ଜୀବନ ପ୍ରତୀକ୍ଷା କଣ ଶେଷ
ହୁଏ ?

ମୁକ୍ତି ଟିକିଏ ପାଇଁ
କିଏ ଲୁହ ଗଡାଏ, କିଏ ସଂଗ୍ରାମ କରେ
କିଏ ବିନତି କରେ, କିଏ ସୀମା ଲଂଘେ
କିଏ ମିଛ କହେ, କିଏ କରେ ଅଭିନୟ
କିଏ ପୁଣି ସମୟ ଉପରେ ଛାଡ଼ିଦେଉଥାଏ
ତ କିଏ ମାନସିକ କରି ଈଶ୍ୱରଙ୍କୁ ଲାଞ୍ଚ ଯାଚୁ
ଥାଏ
ଏ ମୁକ୍ତି ମିଳିବା କଣ ଏତେ ସହଜ ?

ହୁଏତ,
ସୁନ୍ଦର ଜଙ୍ଗଲଟେ ମିଳିଲେ ପଶୁ ପାଇପାରେ
ମୁକ୍ତି
ଖୋଲା ଆକାଶଟେ ପାଇଲେ ପକ୍ଷୀକୁ
ମିଳିପାରେ ମୁକ୍ତି
ହେଲେ, ମଣିଷ ପାଇଁ କଣ ମୁକ୍ତିର ସୀମା
ଅଛି ?

କେବେ ଶୈଶବରୁ ମୁକ୍ତି ଚାହେଁ ତ
କେବେ କୈଶୋରରୁ

କେବେ ଆପଣାରଙ୍କ ପାଇଁ ମୁକ୍ତି ଖୋଜୁଥାଏ
ତ କେବେ ଆପଣାରଙ୍କ ବନ୍ଧନରୁ
କେବେ ଲକ୍ଷ୍ୟ ଛୁଇଁବାକୁ ଘର
ଚାରି କାନ୍ଥରୁ ମୁକ୍ତି
କେବେ ଘରକୁ ଫେରିବାକୁ
ସାରା କର୍ମରୁ ମୁକ୍ତି
କେବେ ଦୁଃଖ ରୁ ମୁକ୍ତି,
କେବେ ସଂଘର୍ଷରୁ ମୁକ୍ତି
ହେଲେ, ଇଚ୍ଛା ମୁକ୍ତି ମିଳିବା କଣ
କେବେ ସମ୍ଭବ ?

ମୁକ୍ତି ମୋହରେ ଧାଇଁ ଧାଇଁ
ଆୟୁଷ ଧୀରେ ଧୀରେ ବୟସ୍କ ହୁଏ ସିନା
ନା ନିଜ ଇଚ୍ଛାରେ ମିଳେ ପ୍ରାପ୍ତି
ନା ଭୋଗି ପାରେ ଶାନ୍ତି
ନା ସେଥିପାଇଁ କାହା ସହ କରିପାରେ ଯୁକ୍ତି
ଶେଷରେ ସେ ଲୋଡିବସେ ସଂସାରରୁ ମୁକ୍ତି
ସତରେ କଣ ମୁକ୍ତି ବୋଲି କିଛି ଅଛି ?


❤ତିହିଡି, ଭଦ୍ରକ
ମୋ- ୯୦୯୦୨୪୭୭୮୭


## ଅନନ୍ତ ଜୀବନର ପଥଧାରେ...
### କାର୍ତ୍ତିକ ସେଠୀ



ଓଃ...ଏ ଏଲର୍ଜିଟା ଆଜି ରଖେଇଦେବନି,
ହେଉ ତୋରି ଇଚ୍ଛା ପୂରଣ ହେଉ...
ହେଲେ ଶେଷରେ ତୋର ପରିଣାମୀ ବଳକୁ
ଅଜାଡି ଦେବୁନି ମୋ' ଉପରେ
ପରିସ୍ଥିତି ଅସମ୍ଭାଳ ହେଲାପରି ...

ରେ ଏଲର୍ଜି ! ତୋ ଭଳି
କୁଣ୍ଢେଇଲେ କୁଣ୍ଡାଇବାର ମଜାନିଏ
ଏ ଜୀବନ,
କେବେ ଫୁର୍ କିନା ଉଡ଼ିଯିବ ଫୁରୁସତ୍ ବିନା
ଆବାଗିଆ ଆଦତ୍ ଯା'ର,
ଯେତେ ବୁଝେଇଲେ
ସଜେଇଲେ ବାର ବାର !

ଲାଇନ୍ ଅଫ୍ କଣ୍ଟ୍ରୋଲ୍ ନାହିଁ !!!
ଦେଖା ବି ଯାଏନି କେଉଁଠି କାହିଁ ..

ହେଲେ ଶାସ୍ତ୍ର କହେ -
ଅଛି, ବିଶ୍ୱାସ ଓ ଭରସାରେ,
ଭାଗବତ ବାଣୀରେ ଅଛି-

'କର୍ମ ତୋହର ନିଜ ଗୁରୁ,
ଉଦ୍ଧବ କେତେ ତୁ ପଚାରୁ ।'

ଆସୁଥିବା ଚକ୍ରବାତକୁ ଖାତିରି ନ କରି
ଏଇଥିପାଇଁ ଜୀଇଁବାକୁ ଇଚ୍ଛା ହୁଏ ।
ଶରଣାଗତିରେ ନିଜକୁ ହଜେଇ
ଅର୍ପଣେ ତର୍ପଣର ଅନୁରାଗରେ।

ଚେତନାକୁ ଚୈତନ୍ୟ କରି
ଅଶ୍ରୁକୁ ନୈବେଦ୍ୟ କରି,

ଉଷାର ଅରୁଣିମାରେ,
ଭାଷାର ପଲକରେ,
ବିଶ୍ୱାସର ଅଞ୍ଜନି ବୋଲି
ବାହିନେବି ଜୀବନ ତରଣୀ ।

କାଳର କଲ୍ମଷକୁ ଠେଲିଦେବି ପଛକୁ,
ଯେ ପର୍ଯ୍ୟନ୍ତ ପରମାତ୍ମା ଅଛନ୍ତି ମୋ ସହ
ଅନନ୍ତ ଜୀବନର ପଥଧାରେ,
ଜୀବନ ଜୀଇଁବି ସମର୍ପଣ ରଙ୍ଗରେ
ଆଉ ଆସୁଥିବି ଏଇ ରଙ୍ଗମଞ୍ଚକୁ
ଅନୁଭୂତି-ଶାମୁକାସବୁରୁ ମୁକ୍ତାର ସନ୍ଧାନରେ।

ବ୍ୟଗ୍ରତା ନା ବ୍ୟଥାରେ
ବ୍ୟଥିତ ନୁହେଁ ମୁଁ ଖୋଜିବାକୁ ତାଙ୍କୁ,
ସର୍ବମୟ ସିଏ, ଜାଣନ୍ତି ବିଧାନ,
ଉଚିତ ଅନୁଚିତ ମାନ ଅପମାନ ।


❤ଗୁରୁଜୀ,
ବିବେକାନନ୍ଦ ବିହାର, ବଡ଼ସାହି
(ପ୍ରତିଷ୍ଠାତା ସମ୍ପାଦକ ଶବ୍ଦକୁଞ୍ଜ ପରିବାର,
ଚଉମୁଖ ବାଲିଆପାଳ,ବାଲେଶ୍ୱର)

# ତେଲ ବ୍ରିଜର ପାଣି ନିଷ୍କାସନ ପୋଲ ସବୁକୁ ସଫା କଲେ ସ୍ୱଚ୍ଛ ଭାରତ ସ୍ୱେଚ୍ଛାସେବୀ

ସୁବର୍ଣ୍ଣପୁର, ୨୬/୦୬ (ନି.ପ୍ର): ସୋନପୁର ମନମୁଣ୍ଡା ତେଲ ବ୍ରିଜରେ ଦୀର୍ଘ ଦିନରୁ ବାଲିରେ ପୋତି ହୋଇଥିବା ପାଣି ନିଷ୍କାସନ ଛୋଟ ଛୋଟ ଶହ ଶହ ପୋଲ ସବୁକୁ ଆଜି ସଫା କଲେ ଓ ପାଣି ନିଷ୍କାସନ କଲେ ସ୍ୱଚ୍ଛ ଭାରତ ସଂଗଠନ ସୋନପୁର ମନମୁଣ୍ଡାର କିଛି ସ୍ୱେଚ୍ଛାସେବୀ । ବ୍ରିଜରେ ଜମିଥିବା ପ୍ରଥମ ବର୍ଷା ପାଣି, ବାଲି, ଖାଲ ନାଳ ଓ ଲୁହା ଛଡ଼ ଯୋଗୁଁ ପ୍ରତ୍ୟହ ଯିବା ଆସିବା କରୁଥିବା ହଜାର ହଜାର ଗାଡି ଚାଳକ ଓ ଯାତ୍ରୀ ଅସୁରକ୍ଷିତ ମନେ କରୁଥିବା ଅଭିଯୋଗ ହୋଇଛି ଓ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଥିବା ଦେଖାଯାଉଛି । ୧୯୭୩ ମସିହାରେ ଓଡିଶାର ରାଜ୍ୟପାଳ ବି.ଡି. ଜଟ୍ଟୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇ ବାଲାଙ୍ଗୀର ସୋନପୁରରୁ ବୌଦ୍ଧ ଜିଲ୍ଲା ଓ ରାଜଧାନୀ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଏହି ପୁରାତନ ତେଲ ବ୍ରିଜ ଦୀର୍ଘ ଦିନରୁ ରୁଗ୍ଣ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । କିନ୍ତୁ, ଏହାର ଯତ୍ନ ଓ ରକ୍ଷଣାବେକ୍ଷଣ ଦିଗରେ ଏନ.ଏଚ. ବିଭାଗ ଓ ରାଜ୍ୟ ପ୍ରଶାସନର ଅଣଦେଖା ଯୋଗୁଁ ଆଜି ଆଉ ଏକ ଦ୍ୱିତୀୟ ନୂତନ ପୋଲର ଆବଶ୍ୟକ ଜରୁରୀ ହୋଇପଡିଛି । ଯଦି ପବ୍ଲିକ କିମ୍ବା ସାମ୍ବାଦିକଙ୍କ କେବେ କିଛି ଅଭିଯୋଗ ହୁଏ ତାହେଲେ କେବେ କେବେ ରଙ୍ଗ ଓ ସିମେଂଟ ପିଚୁ ଟିକିଏ ବୋଲି ଦେଇ ଏନ.ଏଚ. ବିଭାଗ ଚତୁରତାର ସହ ଦୋଷ ମୁକ୍ତ ହେବାର ଓ ଲୋକଙ୍କ ଆକ୍ରୋଶ ଯୋଗୁଁ ସ୍ୱଟ ରୁ ଖସି ଯିବାର ଦେଖା ଯାଇଥାଏ । ଆଜିର ଏହି ସଫେଇରେ ସ୍ୱଚ୍ଛ ଭାରତ ସଂଗଠନର ଉଦ୍ୟୋକ୍ତା ସୟଦ ଅଲିମୁଲ ଇସଲାମ, ବୈକୁଣ୍ଠ ଶତପଥୀ, ମନୋରଞ୍ଜନ ତ୍ରିପାଠୀ, ତରଣୀ ମେହେର, ସିମାଂଚଳ ହୋତା, ଡା. ସରୋଜ ପଟେଲ, ବିକ୍ରମ ବାବୁ, ମିଲୁ ବାବୁ ପ୍ରମୁଖ ଅନେକ ସଭ୍ୟ ଯୋଗ ଦେଇଥିଲେ । ପ୍ରକାଶ ଥାଉ କି, ୨୦୧୪ ମସିହାରୁ ଏହି ସଂଗଠନ ତେଲ ବ୍ରିଜ ର ରକ୍ଷଣାବେକ୍ଷଣ ପାଇଁ ବାଲି ସଫେଇ ଓ ଉଭୟ ପଟର ଖାଲ ପୋତିବା ସହିତ ସୁପ୍ତ ହୋଇ ରହିଥିବା ବୌଦ୍ଧ ବାଲାଙ୍ଗୀର ଏନ.ଏଚ. ବିଭାଗକୁ ଜାଗ୍ରତ କରିଆସୁଥିବା ଅନେକ ନଜିର ଅଛି ଏବଂ ଏହାର ଯତ୍ନ ଲାଗି ସୁବର୍ଣ୍ଣପୁର ପ୍ରାକ୍ତନ କଲେକ୍ଟରଙ୍କୁ ଲିଖିତ ଆକାରରେ ଅଭିଯୋଗ କରାଯାଇଥିବା ଓ ଜିଲ୍ଲାପାଳ ଶ୍ରୀମତୀ ନର୍ଭଣେ ବିଭିନ୍ନ କମ୍ପାନୀ ସହ ଯୋଗାଯୋଗରେ ଥିବା ବିଷୟ ମେସେଜରେ ଜଣାଇଥିଲେ ।

# ଜ୍ଞାନପ୍ରଭା ମିଶନ ପକ୍ଷରୁ ରାଜ୍ୟ ସ୍ତରୀୟ ଶକ୍ତି ରୂପେଣ ସଂସ୍ଥିତା ବାଳିକା ସମାବେଶ

କେନ୍ଦ୍ରାପଡ଼ା, ୨୬/୦୬ (ନି.ପ୍ର): ନାରୀ ଜାତିର ଜାଗରଣ ଓ ମାତୃଶକ୍ତିର ମହିମା, ଗୌରବକୁ ପୁଣି ଥରେ ଜାଗରଣ କରିବା ପାଇଁ ଜ୍ଞାନପ୍ରଭା ମିଶନ, ଭୁବନେଶ୍ୱର ତରଫରୁ "ଶକ୍ତି ରୂପେଣ ସଂସ୍ଥିତା" ନାମରେ ଏକ ବାଳିକା ସମାବେଶର ଆୟୋଜନ କରିଛନ୍ତି । ହରିହରାନନ୍ଦ ବାଳାଶ୍ରମ ପରିସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଶ୍ରୀ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜଙ୍କ ଦିବ୍ୟ ସାନ୍ନିଧ ଓ ଛାତ୍ରୀ ମାନଙ୍କୁ ଉଚିତ ମାର୍ଗରେ ଶିକ୍ଷାଲାଭ କରିବା ସହିତ ସତ୍ ମାର୍ଗରେ ଯିବା ପାଇଁ ଆହ୍ୱାନ ଦେଇଥିଲେ । ଓଡିଶାର ସୁନାମଧନ୍ୟା ଡଃ ଶ୍ରୁତି ମହାପାତ୍ର ତାଙ୍କର ଜୀବନ କାଳ ମଧ୍ୟରେ ଘାତ ପ୍ରତିଘାତ ମଧ୍ୟରେ କିପରି ନିଜେ ଭିନ୍ନକ୍ଷମ ହୋଇ ମଧ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ତାହା ବର୍ଣ୍ଣନା କରିଥିଲେ । ଜଙ୍ଗଲ ବିଭାଗର ପଦାଧିକାରୀ(ଆଇଏଫଏସ) ପଦ୍ମା ମହାନ୍ତି ନାରୀ ଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ ଓ ଛାତ୍ରୀମାନେ ନିଜକୁ ଦୁର୍ବଳ ନଭାବି ସବୁ କାର୍ଯ୍ୟରେ ତାଙ୍କ ଭଳି ପ୍ରତିଷ୍ଠିତ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ରୂପେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ଦିଗ୍ଦର୍ଶନ ଦେଇଥିଲେ । ଏହି ସଭାରେ ଜ୍ଞାନପ୍ରଭା ମିଶନର ସଭାପତି(ଅଧକ୍ଷା) ଜ୍ୟୋତିର୍ମୟୀ ମିଶ୍ର ଓ ପ୍ରଜ୍ଞାନ ମିଶନର ସଭାପତି ଗୁରୁ ସ୍ୱାମୀ ଗୁରୁକୃପାନନ୍ଦ ମା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୩ ବିଦ୍ୟାଳୟ, ୧୮ଟି ମହାବିଦ୍ୟାଳୟରୁ ପ୍ରାୟ ୯୦୦ରୁ ଉର୍ଦ୍ଧ ଛାତ୍ରୀମାନଙ୍କର ସମାବେଶ ହୋଇଥିଲା । କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ଜ୍ଞାନପ୍ରଭା ମିଶନରେ ସନ୍ନ୍ୟାସିନୀ ଓ ବ୍ରହ୍ମଚାରିଣୀ ମା' ମାନେ ଯୋଗାସନ,ପ୍ରାଣାୟାମ ଓ ଧ୍ୟାନ ଶିକ୍ଷା ଦେଇଥିଲେ । ଛାତ୍ରୀମାନଙ୍କ ଦ୍ୱାରା ନାରୀଶକ୍ତିର ଜାଗରଣ ଉପରେ ଦଳଗତ ଆଲୋଚନା ହୋଇଥିଲା ଏବଂ ପ୍ରତ୍ୟେକ ଦଳ ସେମାନଙ୍କର ଆଲୋଚନାର ଆଭିମୁଖ୍ୟକୁ ଉପସ୍ଥାପନା କରିଥିଲେ । ଏହି ଅବସରରେ ପ୍ରଜ୍ଞା ମିଶନ ପକ୍ଷରୁ ଏକ ପୁସ୍ତକ "ସ୍ୱୟଂ ପ୍ରଜ୍ଞା" ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରି ପରିଚାଳନା କରିଥିଲେ ।

## ଝାରସୁଗୁଡ଼ା ଜିଲ୍ଲା ଅମଲା ସଂଘ ଶାଖା ପୁନର୍ଗଠନ ଓ ନିର୍ବାଚନ

ଝାରସୁଗୁଡ଼ା, ୨୬/୦୬ (ନି.ପ୍ର): ଜିଲ୍ଲା ଅମଲା ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି । ଆଜି ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଆଦିତ୍ୟ ପାଣ୍ଡେ ସଭାପତି,ରୋହିତ ବେହେରା କାର୍ଯ୍ୟକାରୀ ସଭାପତି,ଅମୀୟ କୁମାର ସରାଫ ଉପ ସଭାପତି, ପଲଟୁ କୁମାର ନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସୁନିଲ କୁମାର ପ୍ରଧାନ ମୁଖ୍ୟ ଉପଦେଷ୍ଟା, ବେଣୁଧର ଛଂଚାଣ, ପ୍ରମୋଦ କୁମାର ମିଶ୍ର ଓ ସତ୍ୟାନନ୍ଦ ବଂଜାରାଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଛି । ପାଂଚଜଣ ସହ ସମ୍ପାଦକ ଓ ଦଶ ଜଣ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବରେ ମନୋନୀତ ହୋଇଥିବା ବେଳେ ବିଭୁତି ଭୂଷଣ ନାୟକଙ୍କୁ କାର୍ଯ୍ୟାଳୟ ସମ୍ପାଦକ, ମାନିନୀ ଶତପଥୀ ସାଂଗଠନିକ ସମ୍ପାଦକ, କୋଷାଧକ୍ଷ ଷ୍ଟାଲିନ ପଟେଲ, ଅଡିଟର କାହ୍ନୁଚରଣ ମୁଦୁଲି ଓ ରଞ୍ଜିତ ପଟେଲ ଏବଂ ଦୀପଶିଖା ସିଂହଙ୍କୁ ମିଡିଆ ସମ୍ପାଦକ ଭାବେ ଚୟନ କରାଯାଇଛି । ପର୍ଯ୍ୟବେକ୍ଷକ ଭାବେ ସୁନ୍ଦରଗଡ଼ ଜିଲ୍ଲା ଅମଲା ସଂଘ ସଭାପତି ସୁଧାଂଶୁ ମେହେର ଓ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ପତି ଯୋଗଦାନ କରିଥିଲେ । ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ ପୁନର୍ଗଠିତ ଝାରସୁଗୁଡ଼ା ଜିଲ୍ଲା ଅମଲା ସଂଘ ଶାଖା କାର୍ଯ୍ୟ ସମ୍ପାଦନ କରିବା ସକାଶେ ରାଜ୍ୟ ଅମଲା ସଂଘର ମଞ୍ଜୁରୀ ଲୋଡ଼ା ଯାଇଛି ବୋଲି ନୂତନ ଭାବେ ନିର୍ବାଚିତ ସଭାପତି ଶ୍ରୀ ପାଣ୍ଡେ , ସମ୍ପାଦକ ଶ୍ରୀ ନାୟକ ଜଣାଇଛନ୍ତି ।

# ମାଥିଲି ଉପଖଣ୍ଡ ଚିକିତ୍ସାଳୟ: ୧୯ ଡାକ୍ତରଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି ୮ ଏମବିବିଏସ୍ ଡାକ୍ତର

ମାଲକାନଗିରି, ୨୬/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ବର୍ଷ ଧରି ନିଯୁକ୍ତି ହୋଇନାହାନ୍ତି ବିଶେଷଜ୍ଞ ଡାକ୍ତର । ଚିକିତ୍ସାଳୟରେ ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଚିକିତ୍ସାଳୟକୁ ୨୦୧୭ - ୨୦୧୮ ମସିହାରେ ଉପଖଣ୍ଡ ଚିକିତ୍ସାଳୟ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ, ଦୀର୍ଘ ୨ ବର୍ଷ ପରେ ଅର୍ଥାତ ଗତ ୨୦୨୧ ମସିହାରେ ହିଁ ଏହା ଉପଖଣ୍ଡ ଚିକିତ୍ସାଳୟ ଭାବେ ମାନ୍ୟତା ପାଇଲା । ସୂଚନାଯୋଗ୍ୟ ଯେ, ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ମୋଟ୍ ୧୯ ଡାକ୍ତର ପଦବୀ ରହିଥିବା ବେଳେ ଏବେ ମାତ୍ର ୮ ଜଣ ଏମବିବିଏସ୍ ଡାକ୍ତର ଥିବା ଜଣାଯାଇଛି । ଜିଲ୍ଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ପାଣ୍ଠିରୁ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ଚିକିତ୍ସାଳୟରେ ଶଲ୍ୟ ଓ ମେଡ଼ିସିନ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ଡାକ୍ତର ପଦ ଖାଲିପଡିଛି । ଏହା ହେଉଛି ଉପଖଣ୍ଡ ଚିକିତ୍ସାଳୟର ବାସ୍ତବ ସ୍ଥିତି । ସେହିଭଳି ଡାକ୍ତର ଅମିୟ କୁମାର ସ୍ୱାଇଁ ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଭାବେ କାର୍ଯ୍ୟରତ । ଡାକ୍ତର ଶ୍ରୀ ସ୍ୱାଇଁ ନିଜେ ଚିକିତ୍ସାଳୟର କାର୍ଯ୍ୟାଳୟ ଭାର ସମ୍ଭାଳିବା ସହିତ ଆଦିବାସୀ ଅଂଚଳରେ ଗାଁ ଗାଁରେ ବୁଲି ସ୍ୱାସ୍ଥ୍ୟ ମେଳାରେ ଯୋଗ ଦେବା ସହିତ ଦୁର୍ଘଟଣାଜନିତ ରୋଗୀଙ୍କ ଚିକିତ୍ସା କରୁଛନ୍ତି । ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କାର୍ଯ୍ୟ ମାସକୁ ୭ରୁ ୧୦ଟି ଆସୁଛି । ସେ ଏହି ଦାୟିତ୍ୱ ତୁଲାଉଛନ୍ତି । ଯେଉଁଥି ପାଇଁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜଣେ ମାତ୍ର ମେଡିସିନ ବିଶେଷଜ୍ଞ ଡାକ୍ତର ପ୍ରଫୁଲ ବେହେରାଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ, କିଛି ଦିନ ରହିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶ୍ରୀ ବେହେରାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେସନରେ ପଠାଇଥିଲେ । ଏପରି ସ୍ଥିତିରେ ମାଥିଲି ଉପଖଣ୍ଡ ଚିକିତ୍ସାଳୟ ରୋଗୀସେବା କିପରି ଚାଲିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଡାକ୍ତର ଅଭାବ ଯୋଗୁଁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଜନ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବ ଯୋଗୁଁ ଲୋକେ ସେବା ନପାଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ, କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ବିଶାଖାପାଟଣା ଯାଇ ଚିକିତ୍ସିତ ହେଉଛନ୍ତି । ସାମାନ୍ୟ ଗୁରୁତର ରୋଗୀ ହୋଇଥିଲେ ସେମାନଙ୍କୁ ବ୍ରହ୍ମପୁର କିମ୍ବା ବିଶାଖାପାଟଣା ଯିବା ପାଇଁ ଡାକ୍ତର ମାନେ ପରାମର୍ଶ ଦେଇ ପଠେଇ ଦେଉଛନ୍ତି । ଫଳରେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିଥାଏ ବୋଲି କିଛି ରୋଗୀଙ୍କ ସମ୍ପର୍କୀୟ ମାନେ ଅଭିଯୋଗ କରିଛନ୍ତି । ଅତିଶୀଘ୍ର ଉପଖଣ୍ଡ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ମାନଙ୍କୁ ନିଯୁକ୍ତି ଦିଆଯିବା ପାଇଁ ସାଧାରଣରେ ଦାବି ହେଉଛି ।

## ବିଜେପିର ମହା ଜନ ସଂପର୍କ ଅଭିଯାନ ଓ ସଙ୍ଗୀତ ମୋର୍ଚ୍ଚା ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୫ ଜୁନ (ହିସ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରର ବିଜେପି ସରକାର ୯ ବର୍ଷ ପୁର୍ତି ଅବସରରେ ମହା ଜନ ସଂପର୍କ ଅଭିଯାନ ଓ ସଙ୍ଗୀତ ମୋର୍ଚ୍ଚା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କାକଟ ସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାନ ସଭା ସଂଯୋଜକ ତଥା ଜିଲ୍ଲା ଉପ ସଭାପତି ଉପୀନ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବରିଷ୍ଠ ନେତା ବିଷ୍ଣୁ ଦାସ, ରାଜ୍ୟ ପ୍ରବୋକ୍ତା ତେଜେଶ୍ୱର ପରିଡା, ରାଷ୍ଟ୍ରୀୟ ଅନୁସୂଚିତ ଜାତି ମୋର୍ଚ୍ଚାର ସଦସ୍ୟା ଡ଼ଃ କଳ୍ପନା ମଲିକ, ବିଧାନସଭା ନେତା ସୁନାକର ବେହେରା, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ଯୁବମୋର୍ଚ୍ଚା ସଭାପତି ବିନ୍ଦୁ ସାଗର ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ବୁରହାନ ଅଲ୍ଲୀ ଙ୍କ ଅନ୍ତର୍ଯ୍ୟାମୀ ମଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ୯ ବର୍ଷ ପୁର୍ତିରେ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସଂପର୍କରେ ସୁଚନା ଦେବା ସହ ହର ଘର ଅଭିଯାନକୁ ପୂର୍ଣ୍ଣ ରୂପରେ ସାର୍ଥକ କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ ।

# ଜିଲ୍ଲା ଦଳିତ ସମାଜ ତରଫରୁ ସମ୍ବର୍ଦ୍ଧନା ସଭା : ସମ୍ବର୍ଦ୍ଧିତ ହେଲେ ୧୭ କଳାକାର

ବଲାଙ୍ଗିର, ୨୬/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ କଳା ଓ ସଂସ୍କୃତି କ୍ଷେତ୍ରରେ ଯୋଗ୍ୟ ବିବେଚିତ ହୋଇଥିବା ଗବେଷକ, ମେଧାବୃତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କଳାକାର ଓ ଶିଶୁ ପ୍ରତିଭାମାନଙ୍କୁ ଜିଲ୍ଲା ଦଳିତ ସମାଜ ତରଫରୁ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ହୋଇଥିବା ଏକ ଭବ୍ୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ସଭାପତି କୁନା ବାଗଙ୍କ ସଭାପତିତ୍ୱରେ ତଥା ଶିକ୍ଷାବିତ ନେପାଳ ଚନ୍ଦ୍ର ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌର ପରିଷଦ ଅଧକ୍ଷା ଲିକା ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ମାନୀତ ଅତିଥି ଭାବେ ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ରମେଶ ମହାନନ୍ଦ, କାଉନସିଲର ତଥା ଶ୍ରମିକ ନେତା ଶମ୍ଭୁ ନାଗ ଓ କାଉନସିଲର କିଶୋର କୁମ୍ଭାର ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ସ୍ୱୀକୃତି ପାଇଥିବା କଳାକାରମାନେ ସମସ୍ତ ପ୍ରକାର ସମ୍ମାନ ପାଇବା ପାଇଁ ହକଦାର । ସେମାନେ ହେଉଛନ୍ତି ଆମ ମାଟିର ଗୌରବ । ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ସାହୁ କହିଥିଲେ । ଏଭଳି ସମ୍ମାନ ପାଇବା ନିଶ୍ଚିତ ଭାବେ ଗୌରବର ବିଷୟ । ତେବେ ଗବେଷଣା କରିବା ସେମାନଙ୍କ ପାଇଁ ଏକ ଆହ୍ୱାନ ଅଟେ ବୋଲି ମୁଖ୍ୟବକ୍ତା ଶ୍ରୀ ଛୁରିଆ କହିଥିଲେ । ତୃଣମୂଳ ସ୍ତରକୁ ଯାଇ ଗବେଷକମାନେ ପ୍ରକୃତ ତଥ୍ୟ ଓ ସତ୍ୟକୁ ନେଇ ଗବେଷଣା କରିବାକୁ ସମ୍ମାନୀତ ଅତିଥି ଶ୍ରୀ ମହାନନ୍ଦ କହିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ବିଭାଗରେ ମୂରଲୀଧାରୀ ପତି (ଲୋକଗୀତ), ବିପିନ ବିହାରୀ ବାରିକ (ଲୋକନୃତ୍ୟ), ବାସନ୍ତୀ ନନ୍ଦ (ଲୋକନୃତ୍ୟ), ତରଣୀସେନ ଦୀପ (ଲୋକବାଦ୍ୟ), ଥବୀର ଚରଣ ସାହୁ (ଲୋକନୃତ୍ୟ), କୀର୍ତ୍ତନ ଦୀପ ( ଲୋକଗୀତ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କନିଷ୍ଠ ବିଭାଗରେ ସୁବଳ ମହାକୁର (ଲୋକନୃତ୍ୟ ), ପ୍ରିୟଙ୍କା ମୁନା (ଲୋକନୃତ୍ୟ), ଭକ୍ତ ମୁନା (ଲୋକନୃତ୍ୟ) ଓ କେଶବ ଭୋଇ (ଲୋକବାଦ୍ୟରେ) ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶିଶୁ ପ୍ରତିଭା ଭାବରେ ନିବାସ ରଂଜନ ନନ୍ଦ ( ଲୋକବାଦ୍ୟ), ଆୟୁଷ ମୁଗ୍ରୀ (ଲୋକବାଦ୍ୟ), ରାମିତା ଦୀପ (ଲୋକନୃତ୍ୟ), ସ୍ମୃତିରାଣୀ ମଲ୍ଲିକ(ଲୋକନୃତ୍ୟ), ଆତୁଷ ରଂଜନ ନନ୍ଦ (ଲୋକବାଦ୍ୟ) ଓ ଅଶୀଶ୍ମୀତା ନନ୍ଦ(ଲୋକନୃତ୍ୟ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜ୍ୟୋତିଷ ମୁଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଷ୍ଟାର ଚତୁର୍ଥ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ

ନୂଆପଡ଼ା, ୨୬/୦୬ (ନି.ପ୍ର): ଖଡିଆଳ ସ୍ଥିତ ମହାତ୍ମାଗାନ୍ଧୀ ବିଜ୍ଞାନ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ନୂଆପଡ଼ା ଜିଲ୍ଲା ଶାଖାର ଚତୁର୍ଥ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସନ୍ତା ତିନି ବର୍ଷ ପାଇଁ ନୂଆପଡ଼ା ଜିଲ୍ଲା ଓଷ୍ଟା ପାଇଁ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ଏଥିରେ ବନବିହାରୀ ମେହେର ସଭାପତି ଓ ରବୀନ୍ଦ୍ରନାଥ ଯୋଷୀ ସମ୍ପାଦକ, ସୁଶାନ୍ତ କୁମାର ବିଶି କାର୍ଯ୍ୟକାରୀ ସଭାପତି, ଭରତ ଚନ୍ଦ୍ର ବେହେରା, ମମତା ପତି ଓ ପଂଚାନନ ମଟାରୀ ଉପ ସଭାପତି, ଛବି ପୋଢ଼, ଦିଲୀପ କୁମାର ନାଏକ, ପ୍ରୀୟମଞ୍ଜରୀ ବେହେରା ଯୁଗ୍ମ ସମ୍ପାଦକ ଭାବରେ ଓ ଆଦାମ କୁମାର ପାଣ୍ଡେ, ରାଜ କୁମାର ତାଣ୍ଡି, ଅନିରୁଦ୍ଧ ପଣ୍ଡା, ଉପେନ୍ଦ୍ର ନାଥ ପାଢ଼ୀ ପ୍ରମୁଖ କାର୍ଯ୍ୟକାରୀ କମିଟି ସଭ୍ୟ ଭାବରେ ମନୋନୀତ ହୋଇଛନ୍ତି । ଏହି ଅବସରରେ ବନ ବିହାରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବିଧାନିକ ସଭାରେ ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ରାଜ୍ୟ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ସହ ସମ୍ପାଦକ ଆଶୁତୋଷ ରଥ, ପ୍ରାକ୍ତନ ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ବରଗଡ ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ସିଂ, ପ୍ରାକ୍ତନ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ ଯୋଷୀ, ଜିଲ୍ଲା ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ ପ୍ରମୁଖ ମଂଚାସିନ ଥିଲେ ।

ସଭା ପ୍ରାରମ୍ଭରେ ସମ୍ପାଦକ ଶ୍ରୀଯୁକ୍ତ ଯୋଷୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହିତ ବିଗତ ତିନି ବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ । ସୁଶାନ୍ତ କୁମାର ବିଶି ମଂଚ ପରିଚାଳନା କରିଥଲେ । ନବ ନିର୍ବାଚିତ ପଦାଧିକାରୀଙ୍କୁ ରାଜ୍ୟ ଓଷ୍ଟାର ପ୍ରାକ୍ତନ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ଏହି ଅବସରରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ ୱାନ ଗ୍ରେଡ୍ ପାଇଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଉପଢୌକନ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସ୍ୱାତୀର ୨୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଲେଚନା ଚକ୍ର

କନ୍ଧମାଳ, ୨୬/୦୬ (ନି.ପ୍ର): ଜିଲ୍ଲା ତଥା ରାଜ୍ୟର ଅଗ୍ରଣୀ ବିକାଶ ଅନୁଷ୍ଠାନ ସ୍ୱାତୀ ଗତ ୨୪ ତାରିଖରେ ଏହାର ୨୫ ତମ ପ୍ରତିଷ୍ଠା ଉତ୍ସବ ପାଳନ କରିଛି । ସାରା ବିଶ୍ୱକୁ ପ୍ରଗତି ଓ ଶାନ୍ତି ଦିଗରେ ଆଗେଇ ନେବାପାଇଁ ଜାତିସଂଘ ଆସନ୍ତା ୨୦୩୦ ମସିହା ସୁଦ୍ଧାଏହାର ବିକାଶ ଲକ୍ଷ୍ୟ ହାସଲ ପାଇଁ ୧୭ ସୁତ୍ରୀ କାର୍ଯ୍ୟକ୍ରମ ଘୋଷଣା କରିଛି । ଭାରତ ସମେତ ଜାତିସଂଘ ସଭ୍ୟ ଭୁକ୍ତ ୧୯୩ଟି ଦେଶ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରୁଛନ୍ତି । ତେବେ ଏହି ବିକାଶ ଲକ୍ଷ୍ୟ ଗୁଡିକର ତୃଣମୂଳ ସ୍ତରୀୟ ପ୍ରୟୋଗ ପାଇଁ ସରକାରଙ୍କ ସହ ସାମାଜିକ ଅନୁଷ୍ଠାନ ଗୁଡିକର ମିଳିତ ଉଦ୍ୟମ ନିତାନ୍ତ ଜରୁରୀ ବୋଲି ଗତକାଲି ଫୁଲବାଣୀର ଗାନ୍ଧୀ ସ୍ମୃତିଭବନ ଠାରେ ଆୟୋଜିତ ସ୍ୱାତୀର ପ୍ରତିଷ୍ଠା ଉତ୍ସବ ସମାବେଶରେ ଉପସ୍ଥିତ ବକ୍ତାମାନେ ମତ ଦେଇଥିଲେ । ଉତ୍କଳମଣୀ ଗୋପବନ୍ଧୁଙ୍କ ପୁଣ୍ୟତିଥି ଅବସରରେ ଚାଲୁଥିବା ସେବା ସପ୍ତାହରେ ଗତକାଲି ସକାଳ ୮ଟାରୁ ଫୁଲବାଣୀ ସହରର ଗୋପବନ୍ଧୁ ଛକ ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଏକ ଶାନ୍ତି ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବ ଓ ସ୍ୱାତୀ କର୍ମୀ ମାନଙ୍କ ସହ ଫୁଲବାଣୀ ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ଏବଂ ଉପଜିଲ୍ଲାପାଳ ଜିଲ୍ଲା ଶ୍ରୀ ଶେଷଦେବ ମିଶ୍ର ଯୋଗ ଦେଇଥିଲେ । ଶାନ୍ତି ଶୋଭାଯାତ୍ରା ଗୋପବନ୍ଧୁ ଛକଠାରୁ ଗାନ୍ଧୀ ସ୍ମୃତି ଭବନରେ ପହଂଚିବା ପରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ସ୍ୱାତୀ ଏବଂ ସମ୍ବାଦ-ଆମ ଓଡିଶା ତରଫରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ଏବଂ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପୂର୍ବାହ୍ନ ୧୦ଟାରେ କନ୍ଧମାଳ ବିକାଶ ପରିଷଦ ଅଧକ୍ଷ ଶ୍ରୀ ରୋଦନ ମଳିକ, ଫୁଲବାଣୀ ଉପଜିଲ୍ଲାପାଳ ଶ୍ରୀ ଶେଷଦେବ ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନୃସିଂହ ଚରଣ ନାୟକ, ଅଧାପିକା ଜ୍ୟାତିର୍ମୟୀ କହଁର, ସରପଂଚ ସୁଦର୍ଶନ କହଁର, ସ୍ୱାତୀର ସଂପାଦକ ଶ୍ରୀ ହରିଶଙ୍କର ରାଉତ, ଅଧକ୍ଷ ଶ୍ରୀ ପ୍ରଶାନ୍ତ ଶତପଥୀ ଓ ଅନ୍ୟମାନେ ପ୍ରଦୀପ ପ୍ରଜ୍ୱଳନ କରି ସମାବେଶ ଆରମ୍ଭ କରିଥିଲେ । ଅବହେଳିତମାନଙ୍କର ସଶକ୍ତିକରଣ ଯାତ୍ରା ଉପରେ ସ୍ୱାତୀର ଅତୀତ. ବର୍ତ୍ତମାନ ଓ ଭବିଷ୍ୟତକୁ ପାଳନ ଓ ପର୍ଯ୍ୟାଲୋଚନା ସଂପର୍କରେ ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସାମାଜିକ ଅନୁଷ୍ଠାନ ଗୁଡିକର ମୁଖ୍ୟମାନେ ଯୋଗଦେଇ ବର୍ତ୍ତମାନ ସମୟରେ ଗୋଷ୍ଠୀ ବିକାଶରେ ସାମାଜିକ ଅନୁଷ୍ଠାନର ଭାଗୀଦାରୀତା ଓ ସୁଯୋଗଗୁଡିକ ସଂପର୍କରେ ବିଶଦ ଆଲୋଚନା କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନନ୍ଦିନୀ ମଲ୍ଲିକଙ୍କ ସହ ଫୁଲବାଣୀ ଆକସନ୍ ଗୃପ୍ର ଅଧକ୍ଷ ଶ୍ରୀ ରାମଚନ୍ଦ୍ର ଦାଶ, ଲୋକ ବିକାଶ, ଯାଜପୁର ମୁଖ୍ୟ ସେଖ୍ ଅବ୍ଦୁଲ୍ ସଫିକ୍, ନାଟ୍ୟଚେତନା ଭୁବନେଶ୍ୱର ମୁଖ୍ୟ ଶ୍ରୀ ସୁବୋଧ ପଟ୍ଟନାୟକ, ୱାଇ.ସି.ଡି.ଏ , ବୌଦ୍ଧର ମୁଖ୍ୟ ଶ୍ରୀ ରାଜେନ୍ଦ୍ର ମେହେର, ସେବା ଜଗତ ମୂଖ୍ୟ ଶ୍ରୀ ସତ୍ୟ ପଟ୍ଟନାୟକ, ଜଳମାନବ ଭାବେ ସୁପରିଚିତ ସଞ୍ଜୟ ରୟ, ପ୍ରଦାତା, ଫୁଲବାଣୀର ମୂଖ୍ୟ ଶ୍ରୀ ପ୍ରଦୀପ ଦାଶ, ଜିଲ୍ଲା ଉଦ୍ୟାନ ବିଭାଗ ମୁଖ୍ୟ ସମିର ସାମନ୍ତରାଏ ଓ ଓଡିଶା ଏଡ୍ସ ସେଲ୍ର ପ୍ରତିନିଧି ରାକେଶ ମହାପାତ୍ର ଆଦି ସାମାଜିକ ସଂଗଠନ ଗୁଡିକ ପଇଁ ବର୍ତ୍ତମାନ ଥିବା ବିଭିନ୍ନ ସୁଯୋଗ ଓ ଆହ୍ୱାନ ଗୁଡିକ ସଂପର୍କରେ ଆଲୋକପାତ କରିଥେଲ । ଜିଲ୍ଲା ପରିଷଦ ଅଧକ୍ଷା ଜିଲ୍ଲାର ବିକାଶରେ ସାମାଜିକ ଅନୁଷ୍ଠାନ ଗୁଡିକର ଭାଗୀଦାରିତାକୁ ପ୍ରଶଂସା କରିବା ସହିତ ଭବିଷ୍ୟତରେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ଅନୁରୋଧ କରିଥିଲେ । ତୃତୀୟ ଅଧିବେଶନରେ ପ୍ରାକ୍ତନ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ପଂଚାୟତି ରାଜ ବିଭାଗର ଅତିରିକ୍ତ ସଚିବ ଶ୍ରୀ ସରୋଜ ଦାଶ ତୃଣମୂଳ ସ୍ତରରେ ଚିରନ୍ତନ ବିକାଶ ଲକ୍ଷ୍ୟର କାର୍ଯ୍ୟକ୍ରମଗୁଡିକୁ ପହଂଚାଇବା ପାଇଁ ସରକାରୀ ସ୍ତରରେ ନିଆଯାଇଥିବା ପଦକ୍ଷେପ ଗୁଡିକ ବିଷୟରେ ଆଲୋଚନା କରିଥିଲେ ।

# ଶିଶୁ ଜନ୍ମ ଅନୁଷ୍ଠାନ ସାଧନର ଅନ୍ତେବାସୀଙ୍କ ବିବାହ କରାଇଲା ଜିଲ୍ଲା ପ୍ରଶାସନ

କନ୍ଧମାଳ, ୨୬/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ଶିଶୁ ମଙ୍ଗଳ ସମିତିର ମିଳିତ ସହଯୋଗରେ ଫୁଲବାଣୀ ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ, ସାଧନ ଦ୍ୱାରା ଲାଳନପାଳନ ହୋଇଥିବା ଆନାଲିସାର ବିବାହ ରିଲାଏନ୍ସରେ ଆସିଷ୍ଟାଂଟ ମ୍ୟାନେଜର ଭାବେ କାର୍ଯ୍ୟକରୁଥିବା ରବି ସହିତ ଶୁକ୍ରବାର ସେହି ସାଧନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଶିଶୁ ସୁରକ୍ଷା ଯୋଜନାରେ ବିବାହ ସହାୟତା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଆନାଲିସା ଗୋଟିଏ ତିନି ବର୍ଷର ଅନାଥ ଶିଶୁ ଯାହାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କନ୍ଧମାଳ ଆଣିଏହି ଶିଶୁ ଯତ୍ନ ଅନୁଷ୍ଠାନ, ଦ'ସାଧନଦ' ରେ ଛାଡ଼ିଥିଲେ । ସେଠାରେ ଆନାଲିସା ଭଳି ଅନେକ ଅନାଥ ପିଲା ରହି ପାଠ ପଢୁଛନ୍ତି । ସାଧନ ର ମୁଖ୍ୟ ଫାଦର ପାଉଲରାଜ ଓ ଶିବା ମାଥ୍ୟୁଙ୍କ ସମେତ କର୍ମଚାରୀମାନେ ସେହି ପିଲାମାନଙ୍କର ନିଜ ବାପା ମାଦ' ଭଳି ଯତ୍ନ ନେଉଛନ୍ତି । ପାଠ ପଢ଼ି ବଡ଼ ହେବା ପରେ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ହୋଇଥାନ୍ତି । ସେହିଭଳି ଆନାଲିସା ମଧ ୨ ପାସ୍ ପରେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଡାଟା ଏଂଟ୍ରି କୋର୍ସ ମଧ କରିଛନ୍ତି । ତାଙ୍କୁ ବିବାହ କରିଥିବା ଯୁବକ କେନ୍ଦ୍ରୀୟ ବିଦ୍ୟାଳୟ, ଫୁଲବାଣୀର ଜଣେ ଶିକ୍ଷକଙ୍କର ସମ୍ପର୍କୀୟ ବୋଲି ଜଣାପଡ଼ିଛି । ଶିଶୁ ଯତ୍ନ ଅନୁଷ୍ଠାନ, ସାଧନ ରେ ରହିବା ଦିନଠାରୁ ବିବାହ ପର୍ଯ୍ୟନ୍ତ ଅର୍ଥାତ୍ ଆଜି ପର୍ଯ୍ୟନ୍ତ କେହି ଜଣେ ହେଲେବି ତାଙ୍କୁ ଦେଖିବାକୁ ସେଠାକୁ ଆସିନାହାଁନ୍ତି ବୋଲି ଜଣାପଡ଼ିଛି । ଏବେ ସେହି ଅନୁଷ୍ଠାନରେ ୧୦୭ଜଣ ଅନାଥ ଶିଶୁ ଅଛନ୍ତି ବୋଲି ଅନୁଷ୍ଠାନର ଶିବା ମାଥ୍ୟୁ ସୂଚନା ଦେଇଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ୍, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ବସନ୍ତ କୁମାର ସାହୁ, ଜିଲ୍ଲା ଶିଶୁ ଶୁରକ୍ଷା ଅଧିକାରୀ ରଶ୍ମିତା କରନ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡେପୁଟି କଲେକ୍ଟର, ଶ୍ରୀମତୀ ପ୍ରଭାତୀ ମହାରଣା, ଅନୀତା ସାହୁ, ଡେପୁଟି କଲେକ୍ଟର, ଅଭିଯୋଗ ମାଲେଶ୍ୱର ପାତ୍ର. ଶିଶୁ ମଙ୍ଗଳ ସମିତିର ର ଅଧକ୍ଷ ରଜତ ଦିଗାଲ, ସଭ୍ୟ ମମତା ଦାସ,ସଦାଶିବ ପାତ୍ର ଓ ପ୍ରସନ୍ନ ବିଶୋଇ ପ୍ରମୁଖ ଏହି ବିବାହରେ ଯୋଗଦେଇ ବର କନ୍ୟାଙ୍କୁ ଆର୍ଶିବାଦ କରିଥିଲେ ।

# ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୬/୦୬ (ନି.ପ୍ର): କେନ୍ଦ୍ରାପଡା ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କୁ ସ୍ଥାନାନ୍ତର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କେନ୍ଦ୍ରାପଡାରେ ଦକ୍ଷତାର ସହ କାର୍ଯ୍ୟ କରିବା ଅବସରରେ ବିଭିନ୍ନ ବର୍ଗର ଜନ ସାଧାରଣଙ୍କ ପ୍ରିୟଭାଜନ ହୋଇଥିବା ଶ୍ରୀ ବଳଙ୍କୁ ପୌର ପରିଷଦ ପକ୍ଷରୁ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ବଳଙ୍କ ଅମାୟିକ ବ୍ୟକ୍ତିତ୍ୱ ଓ ବିଭିନ୍ନ ଲୋକଙ୍କ ସମସ୍ୟା ସମାଧାନରେ ଆଗ୍ରହର ସହ କାର୍ଯ୍ୟ କରିବା ତାଙ୍କୁ ସମସ୍ତଙ୍କର ପ୍ରିୟପାତ୍ର କରିଥିଲା । କାର୍ଯ୍ୟକ୍ରମରେ ପୌରାଧକ୍ଷା ସରିତା ସାହୁ, ଉପାଧକ୍ଷା ଆକବରୀ ଖାତୁନଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ଥିଲା ।

## ବ୍ୟାପୁଛି ମଧୁମେହ...

(ପୃଷ୍ଠାର ୪ର ଅବଶିଷ୍ଟାଂଶ)

୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏଫ୍ ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମଧ୍ୟରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟ' ସବୁ ବୟସର ଲୋକଙ୍କୁ ଆକ୍ରା' କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରା' କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମଧ୍ୟ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମଧ୍ୟ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।

+ରାମଚନ୍ଦ୍ରପୁର, ରଣପୁର, ମୋ.- ୯୪୩୮୪୮୫୦୯୪

## ଉଦଳାରେ ବାଇକ ଆମ୍ବୁଲାନ୍ସ ସେବା ପାଇଲଟ ପ୍ରୋଜେକ୍ଟ ଅଟେ : ହରେନ ପଟ୍ଟନାୟକ

ଉଦଳା, ୨୬/୦୬ (ନି.ପ୍ର): ରୋଟାରୀ କ୍ଲବ ତରଫରୁ ଉଦଳାକୁ ବାଇକ ଆମ୍ବୁଲାନ୍ସ ଅଣାଯାଇଥିବାର କଥା କ୍ଲବର ସଭାପତି ହରେନ ପଟ୍ଟନାୟକ ଜଣାଇଛନ୍ତି । ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଏପରି କିଛି ଅଂଚଳ ଅଛି ଯେଉଁଠାକୁ ଦମକଳ କିମ୍ବା ଆମ୍ବୁଲାନ୍ସ ଗାଡ଼ି ଯାଇପାରେ ନାହିଁ । ଶରୀର ଅସୁସ୍ଥ ହେଲେ ଏହି ସବୁ ଅଂଚଳର ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ଏହିସବୁ ଅଂଚଳର ଲୋକଙ୍କୁ ସେବା ଯୋଗାଇଦେବା କ୍ଷେତ୍ରରେ ବାଇକ ଆମ୍ବୁଲାନ୍ସ କାମରେ ଆସିବ ବୋଲି କୁହାଯାଉଛି । ଖୁବ୍ ନିକଟରେ ଏହାର ଉଦ୍‌ଘାଟନୀ ଉତ୍ସବ ପାଳିତ ହେବ । ଉକ୍ତ ଉତ୍ସବରେ ବାଇକ ଆମ୍ବୁଲାନ୍ସର ସେବା ପାଇବାକୁ ହେଲେ କିପରି ଯୋଗାଯୋଗ କରିବାକୁ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି । ଉଦଳାକୁ ଆସିଥିବା ବାଇକ ଆମ୍ବୁଲାନ୍ସ ସମଗ୍ର ଓଡ଼ିଶା ପାଇଁ ପାଇଲଟ ପ୍ରୋଜେକ୍ଟ ଅଟେ ବୋଲି କ୍ଲବ ତରଫରୁ କୁହାଯାଇଛି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜନ୍ମଦିନରେ ଚାରାରୋପଣ ଓ ଫଳବଣ୍ଟନ

ଖଇରା, ୨୬/୦୬ (ନି.ପ୍ର): ଖଇରାରେ ଭାଜପା କର୍ମୀ ମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଭଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ନେତୃତ୍ୱରେ ଶତାଧୀକ ଭଜପା କର୍ମୀ ଓ ଅଞ୍ଚଳବାସୀ ଖଇରା ଦୁର୍ଗାମଣ୍ଡପରେ ମନ୍ତ୍ରୀଙ୍କ ଶୁଭ ମନାସୀ ଜଗନ୍ନାଥଙ୍କ ନିକଟରେ ପୁଜାର୍ଚ୍ଚନା କରିବା ସହ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଥିଲା ।ଏଥିରେ ମଣ୍ଡଳ ସଭାପତି ରାଜେଶ ରାଉତ,ଅଜୟ ବେହେରା,ଡମ୍ବରୁଧର ମହାନ୍ତି,ମାୟାଧର କଅଁର,ଶିଶିର ସାମଲ,ସର୍ବେଶ୍ୱର ମିଶ୍ର,ବବୁଲୁ ମହାନ୍ତି,ମଦନମୋହନ ମହାପାତ୍ର,ମହେନ୍ଦ୍ର ଶିଅଳ,ଗୋପିନାଥ ବୋଷ,କମଳଲୋଚନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସମାଜସେବୀ ଅଭିରାମ ମହାପାତ୍ର,ଅନାମ ଚରଣ ପଣ୍ଡାରାଧେଶ୍ୟାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ରାଜ୍ୟରେ ଜାରି....

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ୧୧ଜିଲ୍ଲାକୁ ଅରେଞ୍ଜ ଚେତାବାନୀ ଜାରି କରାଯାଇଛି। ଝାରସୁଗୁଡା, ବରଗଡ, ସୁନ୍ଦରଗଡ, ସମ୍ବଲପୁର ଜିଲ୍ଲାରେ କିଛି କିଛି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ତଥା ନୂଆପଡା ,ବଲାଙ୍ଗୀର , ବୌଦ୍ଧ, ସୋନପୁର, ଅନୁଗୁଳ, ଦେବଗଡ ଏବଂ କେନ୍ଦୁଝର ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ।

### କେଜ୍ରିଓ୍ୱାଲଙ୍କୁ ଟାର୍ଗେଟ....

ଅନ୍ୟପଟେ ସେ ରାଜସ୍ଥାନ ଯାଇ ଆମର ସବୁଠାରୁ ବରିଷ୍ଠ, ୩ଥରର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବିରୋଧରେ ମତ ରଖୁଛନ୍ତି। ସଚିନ ପାଇଲଟଙ୍କୁ ମଧ୍ୟରେ ସମାଲୋଚନା କରିବାକୁ ପଛାଇ ନାହାନ୍ତି। କ'ଣ ସେମାନେ(ଆପ୍) ପ୍ରକୃତରେ କଂଗ୍ରେସ ସମର୍ଥନ ଚାହୁଁଛନ୍ତି କିମ୍ବା ଆମ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି ଆପ ମୁଖପାତ୍ର ଯାହା କହୁଛନ୍ତି, ତାହା ଆଦୌ ନୂଆ ନୁହେଁ। ପାଟନା ବୈଠକ ଦିନ ମଧ୍ୟ ସେମାନେ କଂଗ୍ରେସ ବିରୋଧରେ ମତ ରଖିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ସମ୍ପର୍କ ବିଜେପି ସହ ରହିଛି। ମୂଳ କଥା ହେଲା ସେ(କେଜ୍ରିଓ୍ୱାଲ) ଜେଲ ଯିବାକୁ ଚାହୁଁ ନାହାନ୍ତି। ଦୁର୍ନୀତି କରିବା ଦିନ ଠାରୁ ସେ ଏହାର ପ୍ରସ୍ତୁତି ଆରମ୍ଭ କରିଥିଲେ।” ଚଳିତ ବର୍ଷ ରାଜସ୍ଥାନରେ ବିଧାନସଭା ନିର୍ବାଚନ ହେବ। ସେଠାରେ ମଧ୍ୟ ଆପ୍ ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିଛି। ଏଥିପାଇଁ କେଜ୍ରିଓ୍ୱାଲ ଦଳ ପାଇଁ ପ୍ରଚାର କରିବାକୁ ଯାଇଥିଲେ। ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ଗେହଲଟଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, “ଆମେ ଯେତେବେଳେ ଏଠାକୁ ଆସୁଥିଲୁ ସେତେବେଳେ ଗେହଲଟ ସାହେବଙ୍କ ପୋଷ୍ଟର ପୂରା ଗଙ୍ଗାନଗର ଓ ଏହି ଷ୍ଟାଡିୟମ ବାହାରେ ଲାଗିଥିବା ଦେଖିଥିଲୁ। ମୁଁ ତାଙ୍କୁ ଗୋଟିଏ କଥା କହିବାକୁ ଚାହେଁ, ଯଦି ସେ ୫ ବର୍ଷ ମଧ୍ୟରେ କଠିନ ପରିଶ୍ରମ କରିଥାଆନ୍ତେ, ତା'ହେଲେ ଏସବୁର ଆବଶ୍ୟକ ପଡ଼ି ନଥାଆନ୍ତା। ଉଭୟ କଂଗ୍ରେସ ଓ ବିଜେପି ଦୁର୍ନୀତିରେ ଲିପ୍ତ। ବସୁନ୍ଧରା ରାଜେଙ୍କ ସରକାର ବେଳେ ଗେହଲଟ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଅଶୋକ ଗେହଲଟ କ୍ଷମତାକୁ ଆସିବା ପରେ ସଚିନ ପାଇଲଟ ତାଙ୍କୁ ବସୁନ୍ଧରା ରାଜେଙ୍କୁ ଗିରଫ କରିବା ପାଇଁ କହିଥିଲେ। କିନ୍ତୁ ଗେହଲଟ କହିଲେ ମୁଁ ତାଙ୍କୁ ଗିରଫ କରିବି ନାହିଁ। ସେ ମୋର ଭଉଣୀ ଭଳି। ଏଥରୁ ଲୋକମାନେ ସବୁ କଥା ବୁଝି ପାରୁଥିବେ।”

### ଡାକ୍ତରଖାନା ପରିସର....

ଆକର୍ଷଣ କରାଯାଇ ସେହି ସବୁ ଆହାର କେନ୍ଦ୍ର ଗୁଡିକୁ ରବିବାର ଦିନମାନଙ୍କରେ ଖୋଲା କରିବାକୁ ଅନୁରୋଧ କରଯାଇଥିଲା । ବିଭିନ୍ନ ଦିଗରୁ ବିଚାରକୁ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ରବିବାର ଦିନ ମାନଙ୍କରେ ସେହି ସବୁ ଆହାର କେନ୍ଦ୍ରଗୁଡିକ ଖୋଲା ରଖିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି ।

## ନିଶା ନିବାରଣ ସଚେତନତା ସଭା




ଲଙ୍ଗଳେଶ୍ୱର ୨୬/୬(ନିପ୍ର): ବିଶ୍ୱ ନିଶା ନିବାରଣ ଦିବସ ପାଳନ ଅବସରରେ ସୋମବାର ସ୍ୱେଚ୍ଛାସେବୀ ସଂଗଠନ ଓଡ଼ିଶା ପ୍ରାଇଡ ପକ୍ଷରୁ ପାରୁଳିଆ ଛକ ନିକଟ ରାଧା ମଦନ ମୋହନ ମନ୍ଦିରର ବୌଦ୍ଧିକ କକ୍ଷରେ ନିଶା ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ବରିଷ୍ଠ ଶିକ୍ଷାବିତ ତଥା ସୁସାହିତ୍ୟକ ଡ଼ଃ ସୁକାନ୍ତ କୁମାର ଗିରି , ଗାୟକ ଗୀତିକାର ରାମ କୃଷ୍ଣ ଦାସ ଅଧିକାରୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ନିଶାର ଭୟାଭୟତା ଓ ନିରା କରଣ ସମ୍ପର୍କରେ ଆଲୋଚନା କରିଥିଲେ ।ଓଡ଼ିଶାକୁ ନିଶା ମୁକ୍ତ ରାଜ୍ୟ ଭାବେ ସରକାର ଘୋଷଣା କରନ୍ତୁ ବୋଲି ଅତିଥି ମାନେ ଆଶା ବ୍ୟକ୍ତ କରିଥିଲେ। ଓଡ଼ିଶା ପ୍ରାଇଡ ସଭାପତି ମାନସ ଦାସ ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରଦ୍ଧା ମହିଳା ସଂଗଠନ ର ସଭାନେତ୍ରୀ ସଞ୍ଜୁବାଳା ଦାସ ଅଧିକାରୀ , ସମ୍ପାଦିକା ସନ୍ଧ୍ୟା ରାଣୀ ସାହୁ, ରାଜଶ୍ରୀ ପାଣିଗ୍ରାହୀ , କଲ୍ୟାଣୀ ଜେନା, ରୂପଶ୍ରୀ ମହାନ୍ତି ,ମମତା ଦାସ , ଅନୀତା ପରିଡା , ହରି ପ୍ରିୟା ରାଉଳ , ଗୀତା ରାଣୀ ପାତ୍ର, ଲିଲି ମଣୀ ବେହେରା, ସସ୍ମିତା ସାମଲ ,ମଧୁପୁରା ପଞ୍ଚାୟତ ମିଶନ ଶକ୍ତି ସଭାନେତ୍ରୀ ସଂଯୁକ୍ତା ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଜୟନ୍ତୀ ବେହେରା, ସୁମିତ୍ରା ସାହୁ,ତରଣୀ ସାହୁ,ଗୌର ମଣୀ ବେହେରା, ରିଙ୍କି ଭୂୟାଁ, କାଞ୍ଚନ ଦାସ,ପୁଷ୍ପଲତା ସାହୁ ,ଲକ୍ଷ୍ମୀ ପ୍ରିୟା ସାହୁ ,ଶକୁନ୍ତଳା ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସେହିପରି ସିଂଲା ପଥଦୁର୍ଗା ସଂସ୍କୃତ ମହାବିଦ୍ୟାଳୟ , ପାରୁଳିଆ ଛକ ଏମ୍ସ କମ୍ପ୍ୟୁଟର ଏଡୁକେଶନ , କଣ୍ଟା ପାଳ ଠାରେ ବିଶ୍ୱ ନିଶା ନିବାରଣ ଦିବସ ପାଳିତ ହୋଇ ଯାଇଛି।

## ଜିଲ୍ଲାର ୨୦୮ ଜଣ ଏସଡିସି ଚମ୍ପିଆନଙ୍କ ଭୁବନେଶ୍ୱର ଗସ୍ତ



ବାରିପଦା, ୨୬/୦୬ (ନି.ପ୍ର): ଆଦିବାସୀ ବିକାଶ ଧାରାକୁ ଆଗେଇ ନେବାକୁଯାଇ ରାଜ୍ୟ ସରକାର ଏସ ଡି ସି ଚମ୍ପିଆନ୍ସ ଭଳି ପଦକ୍ଷେପ ନେଇ ଥିବା ବେଳେ ଏହି ଯୋଜନା ମାଧ୍ୟମରେ ଜିଲ୍ଲା ର ଆଠଟି ବ୍ଲକରୁ ମୋଟ ୨୦୮ ଜଣ ଆଦିବାସୀ ଯୁବକ ଯୁବତୀ ମାନଙ୍କୁ ଚୟନ କରାଯାଇ ଭୁବନେଶ୍ୱର ଠାରେ ଥିବା ଏସସି ଏସଟି ଆରଟିଆଇ ରେ ପ୍ରଶିକ୍ଷଣ ଦିଆଯିବାକୁ ବ୍ୟବସ୍ଥା କରାଯାଇଛି. ଏହି ପରିପ୍ରେକ୍ଷୀରେ ଜିଲ୍ଲା ରୁ ୨୦୮ଜଣ ସୁନିର୍ବାଚିତ ଆଦିବାସୀ ପ୍ରତିନିଧି ଭୁବନେଶ୍ୱର ଯାତ୍ରା କରିଥିବା ବେଳେ ସେ ମାନଙ୍କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ଦେବାଶିଷ ମାରାଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୟୁରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆଦିବାସୀ ହରିଜନ ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ ପ୍ରମୁଖ ଯୋଗଦାନ କରି ମୁଖ୍ୟମନ୍ତ୍ରୀଙ୍କର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏସଡିସି ଚମ୍ପିଆନ୍ସ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିବା ବସକୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରମରେ ରାଇରଙ୍ଗପୁର ଠାରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ରାଇରଙ୍ଗପୁର, ତିରିଂ ଏବଂ ବହଳଦାରୁ ପ୍ରଶିକ୍ଷଣ ପାଇଁ ଆସିଥିବା ଏସଡିସି ଚମ୍ପିଆନ୍ସ ଯୁବକଯୁବତୀ ମାନଙ୍କୁ ସମ୍ବର୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ଜଲେନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରିଷ୍ଠନେତା କାଶୀନାଥ ହେମ୍ବ୍ରମ, ଜିଲ୍ଲା ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାନ୍ତ, ରାଇରଙ୍ଗପୁର ମ୍ୟୁନିସିପାଲଟି ଚେୟାରମ୍ୟାନ ଅଭିଷେକ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ନୀଳଗିରି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ବିୟୋଗ



ନୀଳଗିରି , ୨୬/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣୀ ତଥା ନୀଳଗିରି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନିଜ କାହାଳିଆ ସ୍ଥିତ ବାସଭବନ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହୋଇଛି। ରବିବାର ରାତ୍ରୀରେ ଘରେ ଚିକିତ୍ସିତ ଅବସ୍ଥାରେ ୭୯ବର୍ଷ ବୟସରେ ମୃତ୍ୟୁ ହୋଇଛି। ସେ ଦୀର୍ଘ ବର୍ଷ ଧରି ନୀଳଗିରି ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଭାବେ କାର୍ଯ୍ୟ କରିଆସୁଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଦରଦୀ ହୃଦୟର ବ୍ୟକ୍ତି ଭାବରେ ବେଶ୍ ପରିଚତ ଥିଲେ। ତାଙ୍କର ଦେହାନ୍ତ ଖବର ପାଇ ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ/ ସଦସ୍ୟା ଗଭୀର ମର୍ମାହତ ହୋଇ ପଡିଛନ୍ତି। ନୀଳଗିରି ଉପଖଣ୍ଡ ଓକିଲ ସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ ଶୋକ ବ୍ୟକ୍ତ କରିବା ସହିତ ଆତ୍ମୀୟ ପରିଜନ ମାନଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମରଶରୀରକୁ ଗାଁ ଶ୍ମଶାନରେ ସତ୍କାର କରାଯାଇଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


## ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସ

ଖୋର୍ଦ୍ଧା, ୨୬/୦୬ (ନି.ପ୍ର): ଜିଲା ପ୍ରଶାସନ ଆନୁକୁଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତକରଣ ବିଭାଗ ଏବଂ ଅବକାରୀ ବିଭାଗ ମିଳିତ ସହଯୋଗରେ ସୋମବାର ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ବିଭିନ୍ନ ନିଶା ବୋରୋଧ ସଚେତନତା ବାର୍ତ୍ତା ଲେଖା ଥିବା ପ୍ଲା କାର୍ଡ ପ୍ରଦର୍ଶନ କରି ନିଶା ବିରୋଧ ସ୍ଲୋଗାନ ଦେଇ ଶୋଭାଯାତ୍ରା ସହର ପରିକ୍ରମା କରି ନୂଆବସଷ୍ଟାଣ୍ଡ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା । ଏହି ଶୋଭାଯାତ୍ରାକୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅବକାରୀ ଅଧିକ୍ଷକ ଝସକେତନ ବରିହା,ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତକରଣ ବିଭାଗ ଅଧରକାରୀ (ଡିଏସଏସ) ବିପ୍ଳବ ସାମନ୍ତରାୟ ସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କର୍ମଚାରୀ,ଅବକାରୀ ବିଭାଗ କର୍ମଚାରୀ ଓ ବିଭିନ୍ନ ସାମାଜିକ ସଂଗଠନର ସେଚ୍ଛାସେବୀ ମାନେ ଯୋଗଦେଇଥିଲେ। ଖାର୍ଦ୍ଧା ଜିଲ୍ଲା ଓ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ଅବକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ଖୋର୍ଦ୍ଧା ଓଁ ଶାନ୍ତି ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାୟ ସେବାକେନ୍ଦ୍ର, କୁରୁମପଡା ଭୈରବୀ କ୍ଲବ ଓ ବିଶ୍ୱ ଜୀବନ ସେବା ସଂଘ,ଅଡ ଫାଉଣ୍ଡେସନ ଆଦି ଅନୁଷ୍ଠାନର ପ୍ରତିନିଧି ମାନେ ଏଥିରେ ଯୋଗଦେଇଥିଲେ ।

## କ୍ୟାଥଲିକ ଡାଇଓସିସିର ନୂଆ ବିଶପଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି

### ୨୯ରେ ଦାୟିତ୍ୱ ନେବେ ଇଥୋପିଆର ବିଶଫ ବର୍ଗିସ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର, ୨୬/୦୬ (ନି.ପ୍ର): ରୋମାନ କ୍ୟାଥୋଲିକ, ଉତ୍ତର ଓଡ଼ିଶା ଡାଇଓସିସିର ୪ବର୍ଷ ଧରି ଖାଲିପଡ଼ିଥିବା ବିଶଫ ପଦରେ ନୂଆ ଫାଦରଙ୍କ ଦାୟିତ୍ୱ ଗ୍ରହଣ ପାଇଁ ଏବେ ପ୍ରସ୍ତୁତି ଜୋରଦାର ହୋଇଛି । ୨୦୧୪ ମସିହା ଜାନୁଆରୀ ୩୧ ତାରିଖରେ ଡ. ସାଇମନ କାଇପୁରମ ଏଠାରେ ବିଶଫ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କେବଳ ବିଶଫ ପଦ ନୁହେଁ ବାଲେଶ୍ୱର ସାମାଜିକ ସେବା ସଂସ୍ଥା (ବିଏସଏସଏସ)ର ପରିଚାଳନା ନିର୍ଦ୍ଦେଶକ ଭାବେ ବି ସେ ସୁଚାରୁରୂପେ ଦାୟିତ୍ୱ ତୁଲାଇ ଆସୁଥିଲେ। ମାତ୍ର ୨୦୧୯ ମସିହା ଏପ୍ରିଲ ୨୨ ତାରିଖରେ ହଠାତ ତାଙ୍କର ଦେହାନ୍ତ ସମସ୍ତଙ୍କୁ ମ୍ରିୟମାଣ କରିଥିଲା। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତେବେଳେ ଶେଷ ଦର୍ଶନ ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିଦିନଠାରୁ ଫାଦର ଆଇଜାକ ପୁତୁନାନାଡ଼ି ଉତ୍ତର ଓଡ଼ିଶା ଡାଇଓସିସି ସମେତ ବିଏସଏସଏସର ଆଡମିନଷ୍ଟ୍ରେଟର ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଦୀର୍ଘଦିନ ପରେ ରୋମର କ୍ୟାଥୋଲିକ ମୁଖ୍ୟଙ୍କ ସୁପାରିସ କ୍ରମେ ଇଥୋପିଆର ବିଶଫ ବର୍ଗିସ ଏହି ପଦରେ ଅଧିଷ୍ଠିତ ହେବାକୁ ଯାଉଛନ୍ତି ବୋଲି ଫାଦର ଆଇଜାକ ସୂଚନା ଦେଇଛନ୍ତି। ଏନେଇ ଆସନ୍ତା ୨୮ଓ୨୯ ତାରିଖ ଦୁଇଦିନ ଧରି କ୍ୟାଥଲିକ ଚର୍ଚ୍ଚରେ ବିଶେଷ ଉତ୍ସବ ଆୟୋଜିତ ହେବାକୁ ଯାଉଛି। ୨୮ ତାରିଖରେ ବିଶଫ ବର୍ଗିସ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ପ୍ରଦାନ କରାଯିବ। ୨୯ ତାରିଖରେ ସେ ବାଲେଶ୍ୱର ଡାଇଓସିସିର ବିଶଫ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏହି ଉତ୍ସବରେ ଶୋଭାଯାତ୍ରା ବିଏସଏସଏସ ଅଫିସ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ଏହି ଦୁଇଦିନିଆ ଉତ୍ସବରେ ରୋମର ଭାଟିକାନ ରାଷ୍ଟ୍ରଦୂତ ମୋଷ୍ଟ ରେଭାରେଞ୍ଜ ଲିଓ ପଲ୍ଲଦ ଜିରିଲି ପହଞ୍ଚିବେ। ସେହିଭଳି ଦେଶର କୋଣ ଅନୁକୋଣ ସମେତ ବିଦେଶରୁ ବହୁ ବିଶଫ ଏହି ଦୁଇଦିନିଆ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଫାଦର ଆଇଜାକ ସୂଚନା ଦେଇଛନ୍ତି।



## ମହାପ୍ରଭୁଙ୍କ ଅପେକ୍ଷାରେ ମାଉସୀମାଙ୍କ ପୋଡ଼ପିଠା

ପୁରୀ, ୨୬/୦୬ (ନି.ପ୍ର): ମହାପ୍ରଭୁଙ୍କ ରଥଯାତ୍ରା ମାନବୀୟ ପରିପ୍ରକାଶର ଏକ ଜ୍ୱଳନ୍ତଯାତ୍ରା । ବିଶ୍ୱରେ ଏଭଳିଯାତ୍ରା ଦେଖିବା ବିରଳ । ରତ୍ନସିଂହାସନ ଛାଡ଼ି ଭକ୍ତଙ୍କ ନିକଟକୁ ଆସନ୍ତି ମହାପ୍ରଭୁ । ଶ୍ରୀଗୁଣ୍ଡିଚା ଜନ୍ମବେଦୀର ମୋହ ଓ ମାଉସୀମାଙ୍କ ପୋଡ଼ପିଠାର ସ୍ୱାଦ ପ୍ରଭୁ ଭୁଲିନପାରି ବର୍ଷକ ମଧ୍ୟରୁ ନବଦିନ ଯାତ୍ରା କରିଥାନ୍ତି । ପୂର୍ବରୁ ବଡ଼ଦାଣ୍ଡ ବଳଗଣ୍ଡି ଠାରେ ମାଳିନୀ ନଦୀ ପ୍ରଭାହିତ ହେଉଥିଲା । ନଦୀ କୂଳରେ ଅର୍ଦ୍ଧାସିନୀ ମାଉସୀମା ବିରାଜମାନ କରିବା ସହ ନଦୀର ଜଳକୁ ଶୋଷଣ କରି ପ୍ରଭୁଙ୍କ ବାଟ ଶୁଖାଇଥାନ୍ତି ବୋଲି କଥିତ ଅଛି । ତ୍ରେତୟା ଯୁଗରେ ମା କୈକେୟୀ ଓ ଦ୍ୱାପର ଯୁଗରେ ମା ଯଶୋଦାଙ୍କ ଏବଂ କଳିଯୁଗରେ ମା ଅର୍ଦ୍ଧାସିନୀ ଭାବେ ପ୍ରଭୁଙ୍କ ମାଉସୀ ଭାବେ ପରିଚିତ । ପୌରାଣିକ ମତ ଅନୁସାରେ କଥିତ ଅଛି ପ୍ରଭୁ ରାମଚନ୍ଦ୍ରଙ୍କୁ ବାତ୍ସଲ୍ୟ ମମତା ସ୍ୱରୂପ ମାଉସୀ ପୋଡ଼ପିଠା ଦେଇ ମନସ୍କାମନା ପୂର୍ଣ୍ଣ କରିଥିଲେ । କଳି ଯୁଗରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀ ହୋଇ ପୋଡ଼ପିଠା ପ୍ରଦାନ କରି ଯୁଗ ଯୁଗ ଧରି ଏହି ବାତ୍ସଲ୍ୟ ପ୍ରେମର ପ୍ରତୀକ ପାଳଟିଛନ୍ତି । ରଥଯାତ୍ରାରେ ଭୋଗ ମଧ୍ୟରେ ମୁଖ୍ୟ ଆକର୍ଷଣ ହେଉଛି ପୋଡ଼ପିଠା । ମହାପ୍ରଭୁ ଶ୍ରୀଗୁଣ୍ଡିଚା ଦିନ ଯିବା ସମୟରେ ମାଉସୀମା ପୀଠ ନିକଟରେ ଫଳ ପ୍ରସାଦ ପାଇବା ସହ ବାହୁଡ଼ାରେ ମା'ଙ୍କ ପୋଡ଼ପିଠା ପାଇଁ ନିବେଦନ କରି ରଥ ଗଡ଼ିଥିଲା । ବାହୁଡ଼ାଯାତ୍ରାରେ ପୋଡ଼ପିଠା ପ୍ରସାଦ ଭୋଗ ଲାଗି ହୁଏ । ଏହି ପିଠାର ନାମ ପୋଡ଼ପିଠା । କିନ୍ତୁ ଏହା ପୋଡ଼ା ଯାଏନାହିଁ । ବାମ୍ପରେ ସିଝି ଭଲ ଘିଅରେ ଛଣା ଯାଏ । ହେରାପଞ୍ଚମୀ ଠାରୁ ପିଠାର ପ୍ରସ୍ତୁତି ଆରମ୍ଭ ହୋଇଥାଏ । ବାହୁଡ଼ାଦିନ ପୋଡ଼ପିଠା ପ୍ରଭୁଙ୍କୁ ଅର୍ପଣ ହେବା ପରେ ଏହା ପ୍ରସାଦ ହୋଇଯାଏ । ଏହି ପ୍ରସାଦ ପାଇବା ପାଇଁ ଭକ୍ତମାନେ ଚାହିଁ ରହିଥାନ୍ତି । ପୋଡ଼ପିଠା ନିର୍ମାଣ ପ୍ରସ୍ତୁତିରେ ଅନେକ ରହସ୍ୟ ରହିଛି । ଅଟା,ଛେନା, ଦେଶୀଗାଇ ଘିଅ, ଖିସିମିସ୍, ଚିନି,ପିସ୍ତା ବାଦାମ,ଅଳେଇଚ,ଲବଙ୍ଗ, ଗୁଜୁରାତି ମିଶ୍ରଣ କରାଯାଇ ଘିଅରେ ଚକଟା ଯାଇ ମାଟି ପଲମରେ ବାମ୍ପ ଜରିଆରେ ସିଝା ଯାଏ । ପରେ ଏହି ମିଶ୍ରିତ ବାମ୍ପ ପିଣ୍ଡୁଳାକୁ ଥଣ୍ଡା କରାଯାଇ ଛୋଟ ଛୋଟ ଖଣ୍ଡ କରାଯାଏ । ଏହି କଟା ଖଣ୍ଡ ଗୁଡ଼ିକୁ କାଠ ଚୁଲାରେ କରେଇ ବସାଇ ଭଲ ଘିଅ ପକାଇ ଛଣାଯାଏ । ଏହି ପୋଡ଼ପିଠାର ସ୍ୱାଦ ଏକ ଅନନ୍ୟ ଅନୁଭବ ଆଣିଦିଏ । ରଥରେ ଲାଗିହେବା ପରେ ଏହି ପ୍ରସାଦକୁ ଭକ୍ତ ସେବନ କରିବା ସମୟରେ ଭକ୍ତି ଭାବ ମନରେ ସିଂହରଣ ସୃଷ୍ଟି କରିଥାଏ । ଏହି ପିଠା ଦୁଇ ସପ୍ତାହ ପର୍ଯ୍ୟନ୍ତ ସତେଜ ରହିଥାଏ । ସବୁ ପ୍ରଭୁଙ୍କ ଇଚ୍ଛା । ମାଉସୀଙ୍କ ବାତ୍ସଲ୍ୟକୁ ବିଶ୍ୱ ବିଦିତ ଠାକୁର ଶ୍ରୀଜଗନ୍ନାଥ ଭୁଲି ପାରିନାହାନ୍ତି । ବର୍ଷକରେ ଗୋଟିଏ ଦିନ ହେଲେ ମଧ୍ୟ ମାଉସୀଙ୍କ ପୋଡ଼ପିଠା ପ୍ରଭୁ ଗ୍ରହଣ କରିଥାନ୍ତି । ଏହି ସେବା ଯୋଗାଉଛନ୍ତି ମାଉସୀମା ମନ୍ଦିରର ମୁଖ୍ୟ ସେବକ ବିଶ୍ୱନାଥ ମିଶ୍ର । ଶ୍ରୀମିଶ୍ର କୁହନ୍ତି ଦୀର୍ଘ ୨୫ ବର୍ଷ ହେଲାଣି ମୁଁ ଏହି ସେବା କରି ଆସୁଛି । ଶ୍ରୀଗୁଣ୍ଡିଚା ଦିନ ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ହବିଷ୍ୟ ପାଳନ କରିବା ସହ ନିଷ୍ଠା ଓ ଭକ୍ତିର ସହ ଏହି ପୋଡ଼ପିଠା ପ୍ରସ୍ତୁତିରେ ନିଜକୁ ସମର୍ପିତ କରିଛି । ବହୁ ପ୍ରଚେଷ୍ଟା ପରେ କିଛି ବର୍ଷ ହେଲାଣି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱଳ୍ପ ସାହାଯ୍ୟ ତିନି ହଜାର ପାଞ୍ଚଶହ ଟଙ୍କା ପିଠା ପ୍ରସ୍ତୁତି ପାଇଁ ମିଳୁଛି । ଏହା ଯଥେଷ୍ଟ ନଥିଲେ ମଧ୍ୟ ନିଜସ୍ୱ ଓ ଭକ୍ତଙ୍କ ସାହାର୍ଯ୍ୟ ନେଇ ପିଠା ପ୍ରସ୍ତୁତି ହେଉଛି । ବର୍ଷକ ଯାକ ମନ୍ଦିର ପରିଚାଳନା କରିବା କଷ୍ଟସାଧ ହେଲେ ମଧ୍ୟ ମା'ଙ୍କ କୃପାରୁ ସମସ୍ତ କାର୍ଯ୍ୟ ସଠିକ୍ ଭାବେ ଚାଲୁଅଛି । ବଂଶାନୁକ୍ରମିକ ଭାବେ ଏହି ସେବା କରୁଅଛି । ଏହି ପିଠା ପ୍ରସ୍ତୁତିରେ ଲିଙ୍ଗରାଜ ପଣ୍ଡା, ଶୁଭେନ୍ଦୁ ତ୍ରିପାଠୀ,ରତିକାନ୍ତ ମହାପାତ୍ର ସହଯୋଗ କରୁଛନ୍ତି । ମାଉସୀମା'ଙ୍କ ମାହାତ୍ମ୍ୟ ଅତି ପୁରାତନ । ମାଳିନୀ ନଦୀ ମା ଅଧେ ଶୋଷି ଦେଇଥିବା କଥିତ ଅଛି ।

## ଚାନ୍ଦବାଲି ବ୍ଲକରେ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ, ୨୬/୦୬ (ନି.ପ୍ର): ପ୍ରତି ମାସର ପ୍ରତି ସୋମବାରରେ ଅନୁଷ୍ଠିତ ହୋଇ ଆସୁଥିବା ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଆଜି ଚାନ୍ଦବାଲି ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ, ଭଦ୍ରକ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି.ଭଦ୍ରକ ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୬୧ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୪୯ଟି ବ୍ୟକ୍ତିଗତ ସମସ୍ୟା ଓ ୧୨ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ଭଦ୍ରକ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରିତୀମୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ଚାନ୍ଦବାଲି ବି.ଡ଼ି.ଓ. ଜ୍ୟୋତିବିକାଶ ଦାସ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ଦିଗରେ ଜିଲ୍ଲାପାଳଙ୍କ ଆବଶ୍ୟକ ମତେ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗ ସମ୍ବନ୍ଧରେ ଆସିଥିବା ଅଭିଯୋଗ ସବୁର ସମୀକ୍ଷା କରି ସମାଧାନ ପାଇଁ ପଦେକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

ମଙ୍ଗଳବାର, ଜୁନ୍ ୨୭, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ମାଟି ଚୋରା ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା




ବାଲେଶ୍ୱର,୨୬।୬(): ରେମୁଣା ତହସିଲ ଅନ୍ତର୍ଗତ ନୂଆଗାଁ ଗ୍ରାମ ପଞ୍ଚାୟତର ପୋଖରୀ ଓ ଗୋଚର ଜମିରୁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହୋଇଥିବା ମାଟି ଚାଲାଣକୁ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପୂର୍ବତନ ସରପଞ୍ଚ ଅମୂଲ୍ୟ ପରିଡ଼ା ଓ ସହଯୋଗୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ମାଟି ମାଫିଆମାନେ ସରକାରୀ ଅଫିସରଙ୍କ ସହଯୋଗରେ କେବଳ ନୂଆଗାଁ ନୁହେଁ ବରଂ ରେମୁଣା ବ୍ଲକର ଏକାଧିକ ପଞ୍ଚାୟତରୁ ମାଟି ଚୋରା ଚାଲାଣ କରୁଛନ୍ତି। ବିଶେଷ କରି ଏମଜିନରେଗା ପ୍ରକଳ୍ପରେ ଜାଲ ଜବକାର୍ଡ଼ ବ୍ୟବହାର କରି ଜେସିବିରେ ଖୋଳୁଥିବା ମାଟିକୁ ମାଫିଆମାନେ ଅନ୍ୟତ୍ର ବିକ୍ରି କରୁଛନ୍ତି। ଏନେଇ ପୂର୍ବରୁ ରେମୁଣା ତହସିଲଦାର, ବିଡିଓ ଏବଂ ଜିଲାପାଳଙ୍କୁ ଅବଗତ କରାଯାଇଥିଲେ ବି ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଯୋଗୁଁ ଶେଷରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ଧାରଣାରତ ପୂର୍ବତନ ସରପଞ୍ଚ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ପରିଡ଼ାଙ୍କ ସମେତ ଗୋପାଳ ଦାସ, ପ୍ରଫୁଲ ଦାସ, ପ୍ରଭାକର ସେଠୀ, ଗଣପତି ବଳିକ, କେଶବ ଲେଙ୍କା, ବାଞ୍ଛାନିଧି ବାରିକ, ମହେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଠିକାଦାରଙ୍କ ମନମାନି ପାଇଁ ହିନସ୍ତା ହେଉଛନ୍ତି ଚାରୋଟି ଗ୍ରାମର ଗ୍ରାମବାସୀ

### ପାଣି ପାଇଁ ଗରା ଓ ବାଲଟି ଧରି ରାସ୍ତାରେ ବସିଲେ



ବସ୍ତା, ୨୬/୦୬ (ନି.ପ୍ର): ବସ୍ତା ବ୍ଲକ୍ ବରୁଣଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡରିମରା ଗ୍ରାମରେ ବସୁଧା ଯୋଜନାରେ ନିୟମିତ ପାଣି ନମିଳିବା ତଥା ଅପରିଷ୍କାର ପାଣି ବାହାରୁଥିବାରୁ ଏହି ଘଟଣାରେ ମହିଳାମାନେ ତାତି ରାସ୍ତାରେ ଗୋରା ଓ ବାଲଟି ରଖି ପ୍ରତିବାଦ କରିଥିବାର ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଏହି ପଞ୍ଚାୟତର ଦାମୋଦରପୁର, ଗୋହିରା ଗଡିଆ, କଞ୍ଚନୀଆ ଏବଂ ଗୁଣ୍ଡରିମରା ଗ୍ରାମରେ ଦୀର୍ଘଦିନରୁ ପାଣି ସମସ୍ୟା ଲାଗି ରହିଥିଲା। ବହୁ ଦାବି ପରେ ଉକ୍ତ ୪ଟି ଗ୍ରାମର ୧୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ଗୋହିରାଗଡ଼ିଆ ଠାରେ ବସୁଧା ଯୋଜନାରେ ୪୦ହଜାର ଲିଟର କ୍ଷମତା ସମ୍ପନ୍ନ ପାନୀୟ ଜଳ ପ୍ରକଳ୍ପଟିଏ ସ୍ଥାପନ ହେଲା।ମାତ୍ର ଏହାର ନିର୍ମାଣ ଅବଧି ମାତ୍ର ୧୧ ମାସ ରହିଥିବା ବେଳେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଦୁଇବର୍ଷ ଧରି ଅଧା ପନ୍ତରିଆ ହୋଇ ପଡ଼ି ରହିଥିଲା।ଚଳିତ ବର୍ଷ ପ୍ରବଳ ଗରମ ଏବଂ ଜଳାଭାବ ଯୋଗୁଁ ଲୋକଙ୍କ ବହୁ ନିବେଦନ ପରେ ୨୦ ଦିନ ହେବ ଏହା କାର୍ଯ୍ୟକ୍ଷମ ହୋଇଛି।ହେଲେ ଗୋଟିଏ ଗୋରା କିମ୍ବା ବାଲଟି ଭର୍ତ୍ତି ହେବାକୁ ଅଧାଘଣ୍ଟାରୁ ଘଣ୍ଟାଏ ସମୟ ଲାଗୁଛି।ପ୍ରକଳ୍ପଟିର ପୂର୍ଣ୍ଣାଙ୍ଗୀକରଣ ସରିଥିଲେ ମଧ ସେଥିରୁ ଗୋଳିଆ ପାଣି ବାହାରୁଥିବା ଲୋକେ ଅଭିଯୋଗ କରିଛନ୍ତି।ଅପର ପକ୍ଷରେ ୪ଟି ଗ୍ରାମର ସମୁଦାୟ ଲୋକ ସଂଖ୍ୟାର ୭୦% ଲୋକଙ୍କ ଘରକୁ ପାଇପ ସଂଯୋଗ ହୋଇଥିଲା ବେଳେ ଏବେ ବି ଅବଶିଷ୍ଟ ୩୦% ଲୋକଙ୍କ ଘରକୁ ପାଣି ପାଇବ ସଂଯୋଗ ହୋଇନାହିଁ।ଗ୍ରାମବାସୀଙ୍କ ଆବଶ୍ୟକତା ପାଇଁ ୩ ଟି ନଳକୂପ ରହିଥିଲେ ମଧ୍ୟ ଭୂତଳ ଜଳସ୍ତର ନିମ୍ନଗାମୀ ଯୋଗୁଁ ୪ ବର୍ଷ ହେବ ଏଗୁଡ଼ିକ ଅଚଳ ହୋଇ ପଡ଼ିଛି।ତେଣୁ ପାନୀୟ ଜଳ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ଗ୍ରାମବାସୀମାନେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ।ମାତ୍ର ସରପଞ୍ଚ କରୁଣାକର ମଲ୍ଲିକ ଠିକାଦାର ଜଣକ ଉକ୍ତ ପ୍ରକଳ୍ପଟିକୁ ପଂଚାୟତକୁ ହସ୍ତାନ୍ତର କରି ନଥିବା ଠିକାଦାରଙ୍କ ବିରୁଦ୍ଧରେ ଆରୋପ ଆଣିଥିଲେ।ଏହା ପରେ ଠିକାଦାରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମାତ୍ର ଫୋନ୍ ନ ଉଠାଇବାରୁ ବିଫଳ ହୋଇଥିଲେ।ଶେଷରେ ଆଜି ଗ୍ରାମର ଶତାଧିକ ମହିଳା ରାସ୍ତାରେ ଗୋରା ଓ ବାଲଟି ରଖି ପ୍ରତିବାଦ କରିଥିବାର ଦେଖିବାକୁ ମିଳିଥିଲା।ତେବେ ଆଜି ଘଟଣା ସ୍ଥଳରେ ଠିକାଦାର ବେଣୁଧର ସେଠୀଙ୍କୁ ଯୋଗାଯୋଗ କରିବାରୁ ଟାଙ୍କିରେ ପାଣି ଅଛି, ଅପରେଟର ପାଣି ଚଲଉଛି ଓ ଆମ କାମ ବି ସରିଯାଇଛି ବୋଲି କହିଥିଲେ। ପ୍ରକଳ୍ପଟି ପଂଚାୟତକୁ ହସ୍ତାନ୍ତର ହେବା ବାବଦରେ ପଚାରିବାରୁ ଯଦି ଏହା ପଂଚାୟତକୁ ହସ୍ତାନ୍ତର ହୋଇନାହିଁ ତାହେଲେ ଆଜକୁ ୨୦ଦିନ ଧରି ଉକ୍ତ ୪ଟି ଗାଁକୁ ଜଳ ଦିଆଯାଉଛି କିପରି ବୋଲି ସରପଞ୍ଚଙ୍କୁ ପ୍ରଶ୍ନ କରିଥିଲେ । ସରପଞ୍ଚଙ୍କ କଥାରେ ପ୍ରତିଆରୋପରେ ସରପଞ୍ଚ ଆଜିକାଲି ବିନା ପଇସାରେ ହେଣ୍ଡ ଓଭର ନଉ ନାହାନ୍ତି ବୋଲି କହିଥିଲେ। ମୁଖ୍ୟ ପାଇପରୁ ଘରକୁ ସଂଯୋଗ ହୋଇଥିବା ପାଇପ ଏବଂ ଷ୍ଟାଣ୍ଡ ପୋଷ୍ଟ ଅତ୍ୟନ୍ତ ନିମ୍ନ ମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ପାଇପ ଫାଟି ପାଣି ବାହାରୁଥିବା ଲୋକେ ଅଭିଯୋଗ କରିଛନ୍ତି, ଯାହା ଫଳରେ ଟ୍ୟାପରୁ ଗୋଳିଆ ଓ ଅପରିଷ୍କାର ପାଣି ବାହାରୁଛି।ଏନେଇ ଠିକାଦାରଙ୍କୁ ପଚାରିବାରୁ ବାରମ୍ବାର ପାଇପ ଫାଟୁଥିବାରୁ ଏପରି ହେଉଥିବା କହିଛନ୍ତି। ମାତ୍ର ୨୦ ଦିନର ଜଳ ଯୋଗାଇବାରେ ପାଣି ପାଇପ ଫାଟିବାରୁ କାର୍ଯ୍ୟର ମାନ କଣ ହୋଇଥିବ ତାହା ସ୍ପଷ୍ଟ ବାରି ହଉଛି।ଯଦି ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଗ୍ରାମବାସୀ ପମ୍ପ ଘର ତାଲା ପକାଇବା ସହ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ ଅଫିସ୍ ଘେରାଉ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## ସରକାରୀ ସ୍ଥାନକୁ ବ୍ୟକ୍ତିଗତ ନାମରେ ନାମିତ

### ଖାରଜ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ : ନଚେତ୍ ହେବ ଆନ୍ଦୋଳନ

ଜଳେଶ୍ୱର ୨୬/୬(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ପଂଚାୟତର ବିରିଶପୁର ଗାଁର ଖାତା ନଂ ୬୪୬, ପ୍ଲଟ ୯୦୫ ଏ୦.୨୬ଡି ରକ୍ଷିତ ଗୋଚର ଭାବେ ରହିଛି। ୨୦୦୮ ମସିହାରେ ସେହି ଗାଁର ହିରୋ ମଣ୍ଡଳଙ୍କୁ ପୁଅ ସୁଧିର, କାହ୍ନୁ, ଓ ସମ୍ଭୁ ୨୦ଡିସିମିଲ ସ୍ଥାନକୁ ନିଜ ନାମରେ ନାମିତ କରିବା ସହିତ କିସମ ଘରବାଡି କରିଥିବାରୁ ଏଥିନେଇ ସେଠାରେ ଗଣ୍ଡଗୋଳ ସୂତ୍ରପାତ ହୋଇଛି । ପ୍ରକାଶଯୋଗ୍ୟ ଗୋଚର କିମ୍ବା ରକ୍ଷିତ ଗୋଚର ସ୍ଥାନକୁ ଅନ୍ୟ କାହା ନାମରେ କିସମ ପରିବର୍ତ୍ତନ କରି ଦିଆଯାଇ ପାରିବ ନାହିଁ । କିନ୍ତୁ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ଏପରି କାର୍ଯ୍ୟ କରିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଆବେଦନ କରାଯିବାରୁ ସେ ତାହା ବାତିଲ କରି ପୂର୍ବ ରେକର୍ଡକୁ ଫେରାଇଥିଲେ। କିନ୍ତୁ ୨୦୨୨ ମସିହାରେ ପୁଣି ସେହି ସ୍ଥାନକୁ ଉପରୋକ୍ତ ୩ ବ୍ୟକ୍ତି ନିଜ ନାମରେ ନାମିତ କରିବାରୁ ୩-୫-୨୩ରେ ପୁଣି ରକ୍ଷିତ ଖାତାକୁ ଅଣାଯାଇଥିଲା । ଆଶ୍ଚର୍ଯ୍ୟର କଥା ସେହି ସ୍ଥାନରେ ଉପରୋକ୍ତ ବ୍ୟକ୍ତିଙ୍କର ସଂପର୍କୀୟମାନେ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଇତ୍ୟାଦି ବାହାର କରିବା ସହିତ ପକ୍କାଘର କରିଥିବାରୁ ଏହା ବିରୋଧରେ ଗ୍ରାମବାସୀଙ୍କ ପକ୍ଷରୁ ଗଦାଧର ମଣ୍ଡଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପୂର୍ବବତ୍ ତାହାକୁ ସରକାରୀ ଖାତାରେ ରଖିବାକୁ ନିବେଦନ କରିଛନ୍ତି ।

## ଯୁବ ବାଥୁଡ଼ି ସମାଜ ବଢ଼ାଇଲା ସହଯୋଗର ହାତ

ଉଦଳା, ୨୬/୦୬ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ତାଳଡ଼ିହା ଗ୍ରାମର ବାସିନ୍ଦା ସୁକାନ୍ତ ଦଳେଇଙ୍କ ସହଧର୍ମିଣୀ ଲକ୍ଷ୍ମୀଙ୍କର ଅକାଳ ବିୟୋଗ ଖବର ପାଇ ଯୁବ ବାଥୁଳି ସମାଜର ସଭାପତି ବିରେନ୍ଦ୍ର ମଢ଼େଇ, ଉପସଭାପତି ରମେଶ ଚନ୍ଦ୍ର ଖଣ୍ଡେଇ, ସଂପାଦକ ଚନ୍ଦନ କୁମାର ସେନାପତି, ଉପଦେଷ୍ଟା ଗୋବର୍ଦ୍ଧନ ବିଶ୍ୱାଳ, ମିଶ୍ର ବିଶ୍ୱାଳ ଓ ଗୌତମ ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଂଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ କ୍ରୀୟା କର୍ମ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିବାର ଜଣାଯାଇଛି । ପ୍ରକାଶ ଥାଉକି ସୁକାନ୍ତ ଜଣେ ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଇଥାନ୍ତି । ପରିବାରର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନୁହେଁ । ତାଙ୍କର ଦୁଇ ଝିଅ ଓ ୩ ପୁଅ ଥିବା ବେଳେ ସମସ୍ତେ ନାବାଳକ ଅଟନ୍ତି । ଉକ୍ତ ପରିବାରକୁ ସରକାର ସହଯୋଗର ହାତ ବଢ଼ାନ୍ତୁ ବୋଲି ଯୁବ ବାଥୁଡ଼ି ସମାଜ ପକ୍ଷରୁ ଦାବୀ ହୋଇଛି । ଶେଷରେ ଅମର ଆତ୍ମାର ସଦ୍‌ଗତି ପାଇଁ ଯୁବ ବାଥୁଡ଼ି ସମାଜ ପକ୍ଷରୁ ନିରବ ପ୍ରାର୍ଥନା କରାଯାଇଛି ।

## ଖଇରାରେ ମଦମୁକ୍ତି ଯୁବବାହିନୀର ସଭା ଓ ଶୋଭାଯାତ୍ରା




ଖଇରା, ୨୬/୦୬ (ନି.ପ୍ର): ମଦମୁକ୍ତ ସୁନାର ଓଡିଶା ଗଠନ ଲକ୍ଷରେ ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ବାଲେଶ୍ୱର ଜିଲା ଖଇରା ଠାରେ ରବିବାର ଦିନ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ନମିତା ବାରିକ,ବୃନ୍ଦବନ ମଲ୍ଲିକ ଓ ପ୍ରଶାନ୍ତ ଜେନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ପରେ ଅନୁଷ୍ଠିତ ସଚେତନତା ସଭାରେ ବକ୍ତାମାନେ ମଦ ବିରୋଧରେ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ । ରାଜସ୍ୱ ଆଦାୟ ନାମରେ ଗାଁ ଗହଳିରେ ମାଳ ମାଳ ମଦ ଦୋକାନ ଖୋଲାଯିବା, ଏଥିଲାଗି ସମାଜ ସଂସ୍କୃତି ନଷ୍ଟ ହେଉଥିବା କାରଣରୁ ସରକାରଙ୍କୁ ସମାଲୋଚନା କରିଥିଲେ । ଏହି ଲଢେଇକୁ କିଭଳି ଗାଁରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇପାରିବ ଯାହାଫଳରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିବ ସେଥପାଇଁ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ ।

## ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ପ୍ରକଳ୍ପ କାର୍ଯ୍ୟକୁ ନେଇ ବିଡ଼ିଓଙ୍କୁ ଫେରାଦ



ନୀଳଗିରି , ୨୬/୦୬ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ କାଂଶ ପଞ୍ଚାୟତର ସଂଗ୍ରାମ ପୁର ଗ୍ରାମର ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ପ୍ରକଳ୍ପର କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ଗ୍ରାମର ରତିକାନ୍ତ ମହାଳିକ, ପ୍ରଶାନ୍ତ ମହାଳିକ, ସୁଶାନ୍ତ ମହାଳିକ ପ୍ରମୁଖ ଏକଜୁଟ ହୋଇ କାମ ବନ୍ଦ କର କହିବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଯେତେ ବୁଝଇଥିଲେ ବି କିଛି ଶୁଣିନଥିଲେ। କାମକରୁଥିବା ୪୦ରୁ ଅଧିକ ଶ୍ରମିକ କାମ କରିପାରିନଥିଲେ। ହାତରେ ମରଣାଅସ୍ତ୍ର ଧରି ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏନେଇ ଅରୁଣ ମହାଳିକ ନିଳଗିରି ଥାନାରେ ଅଭିଯୋଗ କରିଥିବାବେଳେ ନିଳଗିରି ବି.ଡି.ଓ ଙ୍କ ଠାରେ ମଧ୍ୟ ଅଭିଯୋଗ କରିଛନ୍ତି। ଶ୍ରମିକ ମାନେ ହାତରେ କୋଦାଳ କଡ଼ା ଧରି ବ୍ଲକ ଅଫିସ ଆଗରେ ବସିଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଅପର ପକ୍ଷରେ ଯେଉଁ ମାନେ କାର୍ଯ୍ୟକୁ ବିରୋଧ କରିଛନ୍ତି ସେମାନଙ୍କ ମତାମତ ନେବାରୁ କହିଥିଲେ କାର୍ଯ୍ୟ ହେଉଥିବା ଉକ୍ତ ରାସ୍ତାଟି ଉଚ୍ଚ ହେବାଯୋଗୁଁ ସେମାନଙ୍କ ଘରଭିତରକୁ ବର୍ଷା ପାଣି ପଶିଯାଇଥିବାରୁ ପିଲା ଛୁଆ ଙ୍କୁ ଧରି ହିନସ୍ତା ହେଉଛନ୍ତି। ଏଣୁ ବର୍ଷାପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ପାଇଁ ଅନୁରୋଧ କରିଥଲେ। ମାତ୍ର ପ୍ରଶାସନ ଏ ବିଷୟକୁ ଗୁରୁତ୍ୱ ନଦେବାରୁ ଏହି କାର୍ଯ୍ୟକୁ ଆମେ ବିରୁଦ୍ଧ କରୁଛୁ ବୋଲି କହିଥିଲେ। ମିଥ୍ୟାରେ ଆମ ନାମରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଏପଟେ ବିଡିଓ ଖୁବ୍ ଶୀଘ୍ର ଡ୍ରେନର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି।

## ପୋଲିସ ୨୨୪ କୋଟିରୁ ଅଧିକ ଟଙ୍କାର ମାଦକ ଦ୍ରବ୍ୟ କଲା ନଷ୍ଟ

କରିମଗଂଜ , ୨୬/୦୬ : ଆସାମର କରିମଗଂଜ ଜିଲ୍ଲା ପୋଲିମ ଅଧିକ ପରିମାଣର ମାଦକ ଦ୍ରବ୍ୟ ଜବତ କରିବା ସହିତ ବରିଷ୍ଠ ଅଧିକାରୀଙ୍କ ଅନୁମତି କ୍ରମେ କଲା ନଷ୍ଟ । ସୋମବାର ଦିନ ପୋଲିସ ୨୨୪ କୋଟି ଟଙ୍କାରୁ ଅଧିକ ମୁଲ୍ୟର ମାଦକ ଦ୍ରବ୍ୟ ନିଆଁ ଲଗାଇ ପୋଡି ଦେଇଛନ୍ତି । ଏଥି ମଧ୍ୟରେ ୨୫ କେଜି ୭୭୧ ଗ୍ରାମର ହେରୋଇନ୍ ମଧ ଥିଲା ଯାହାର ବଜାର ମୁଲ୍ୟ ପାଖା ପାଖି ୫୨ କୋଟି ଟଙ୍କା ହେବ ।

## ଡ୍ରଗ୍ସ ମୁକ୍ତ ଭାରତର ଲକ୍ଷ୍ୟ ହାସଲ କରିବ ଦେଶ: ଶାହା

ନୂଆଦିଲ୍ଲୀ , ୨୬/୦୬ : କେନ୍ଦ୍ରୀୟ ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି ଆମେ ଡ୍ରଗ୍ସ ମୁକ୍ତ ଭାରତ ଲକ୍ଷ୍ୟକୁ ହାସଲ କରିବୁ। ଏହି ଲକ୍ଷ୍ୟ କୁ ପୁରଣ କରିବାକୁ ଜୋରଦାର ଭାବରେ କାମ ଚାଲୁଅଛି। ଗୃହ ମନ୍ତ୍ରଣାଳୟ ନାର୍କୋଟିକ୍ସ ବିରୋଧରେ ଜିରୋ ଟଲେରାନ୍ସ ନୀତି ଆପଣେଇଛି। ଦେଶସାରା ପାଖା ପାଖି ୬ ଲକ୍ଷ କିଲୋ ମାଦକ ପଦାର୍ଥକୁ ନଷ୍ଟ କରି ଦିଆହୋଇଛି।



## ଏକାଦଶାହ ଉପଲକ୍ଷେ



**୰ହରେକୃଷ୍ଣ ଜେନା**

**ମୂଳିଦା, ବସ୍ତା**

ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ୍ଭମାନଙ୍କ ଉପରେ ଥାଉ।

**ପୁତ୍ରଗଣ : ଜୀବନ, ଚନ୍ଦନ, ତପନ, ସିଦ୍ଧେଶ୍ୱର, ବଣ୍ଟି**


## 'ମନା' ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ




ବାଲେଶ୍ୱର, ୨୬/୦୬ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ମହାନ ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ମହାପ୍ରୟାଣ ଦିବସ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ସାଧାରଣ ସମ୍ପାଦିକା ସମାଜସେବୀ ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଅର୍ଚ୍ଚନା ନନ୍ଦୀ, ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଞ୍ଜନ ଗିରି, ଗୌରାଙ୍ଗ ପାଣିଗ୍ରାହୀ, କଲ୍ୟାଣୀ ନନ୍ଦ ପ୍ରମୁଖ ଯୋଗଦେଇ ମହାନ ବ୍ୟକ୍ତିତ୍ୱ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ନିଶାମୁକ୍ତ ଓଡ଼ିଶା ପାଇଁ ୧୯୫୬ ମସିହାରେ ବିଧାନ ସଭାରେ ସେ ଆଇନ ପାରିତ କରିଥିବା ବେଳେ ତାଙ୍କର ଅପୂରଣୀୟ କାର୍ଯ୍ୟକୁ ପୂରଣ କରିବା ପାଇଁ 'ମନା' ଶପଥ ନେବା ଉଚିତ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା। ରବିନାରାୟଣ ଭୋଳ, ରମେଶ ଚନ୍ଦ୍ର ଜେନା, କ୍ରୀଷ୍ଣା ସାହା, ସ୍ନେହଲତା ପତି, ଗୀତାଞ୍ଜଳି ସିଂହ, ସୀତାରାମ ପ୍ରଧାନ, ସନାତନ ଦାସ ଓ ବସନ୍ତ ପ୍ରଧାନ ପ୍ରମୁଖ ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଯୋଗେଶ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ ଜିଲ୍ଲାସ୍ତରୀୟ ନିଶା ଦ୍ରବ୍ୟ ସେବନ ତଥା ଅବୈଧ ନିଶା ଦ୍ରବ୍ୟ କାରବାର ବିରୋଧ ଆନ୍ତର୍ଜାତୀୟ ଦିବସ ପାଳନ

ଭଦ୍ରକ, ୨୬/୦୬ (ନି.ପ୍ର): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ଛାତ୍ରଛାତ୍ରୀ, ଅଭିଭାବକ, ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ରାଲି ବାହାରି ସହର ପରିକ୍ରମା କରି ପ୍ରଚାର ରଥ ସଚେତନ କରାଇ ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଉକ୍ତ ସମ୍ବନ୍ଧୀୟ ଏକ ସଚେତନତା ବୈଠକ ଭଦ୍ରକ ପଞ୍ଚାୟତ ସମିତି ସଭାଗୃହରେ ଦିବା ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ଉପସ୍ଥିତ ଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଶ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ପଦ୍ମନ କୁମାର ରାୟ, ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ, ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବ୍ରହ୍ମକୁମାର ଅକ୍ଷୟ ମହାପାତ୍ର, ବ୍ରହ୍ମକୁମାରୀ ସସ୍ମିତା ଭଉଣୀ, ମୁଖ୍ୟବକ୍ତା ବ୍ରହ୍ମକୁମାରୀ ଇଂ ମଞ୍ଜୁବାଳା ସାମନ୍ତରାୟ, ସିଆରଏସ୍ଆର ର ଭଗବାନ ପରିଡ଼ା ଓ ତାଙ୍କ କର୍ମକର୍ତ୍ତା, ଆଶୀର୍ବାଦ ଏନ୍‌ଜିଓର ମଞ୍ଜୁଲତା ସ୍ୱାଇଁ ଏବଂ ତାଙ୍କ କର୍ମକର୍ତ୍ତା, ଜିଲ୍ଲା କିନ୍ନର ସଂଘ ତରଫରୁ ସୌମ୍ୟା ଦାସ ଓ କର୍ମକର୍ତ୍ତା, ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏବଂ ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ବିଭିନ୍ନ ବ୍ଲକ, ପୌରପାଳିକା ଏବଂ ଜିଲ୍ଲା କାର୍ଯ୍ୟାଳୟର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, କାର୍ଯ୍ୟକାରୀ ସହାୟକ ଉପସ୍ଥିତ ଥିଲେ । ଭଦ୍ରକ ନୁହାସ୍ ନିଶା ନିବାରଣ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ନାୟକ ଯୋଗ ଦେଇଥିଲେ । ସମସ୍ତେ ଅଂଶ ଗ୍ରହଣ କରି ନିଶା ସେବନରୁ ନିବୃତ୍ତ ରହିବା, ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା, ଜୀବନକୁ ସୁରକ୍ଷିତ କରିବା ଏବଂ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଶପଥ ପାଠ କରିଥିଲେ । ନିଶା ନିବାରଣ ଆଇନ୍ ସମ୍ପର୍କରେ ବିଭିନ୍ନ ବକ୍ତାମାନଙ୍କ ଦ୍ୱାରା ସଭାରେ ଆଲୋଚନା କରାଗଲା ଏବଂ ଆଇନ ଅନୁଯାଇ ଯେଉଁମାନେ ନିଶା କାରବାରରେ ସମ୍ପୃକ୍ତ ରହୁଛନ୍ତି ସେମାନଙ୍କ ସମ୍ବନ୍ଧରେ ସମ୍ପୃକ୍ତ କାର୍ଯ୍ୟାଳୟରେ ଜଣାଇବାକୁ ଅନୁରୋଧ କରାଗଲା । ଛୋଟ ପିଲା, ଯୁବପିଢ଼ିମାନେ ଯେପରି ନିଶା ସେବନ ନକରିବେ ସେଥିପାଇଁ ସଚେତନ କରାଗଲା ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଏହି ନିଶା ନିବାରଣ ବିଷୟରେ ନିଜ ଅଞ୍ଚଳରେ ବହୁଳ ପ୍ରଚାର ଏବଂ ପ୍ରସାର ପାଇଁ ଉଦ୍ୟମ କରିବାକୁ ଅନୁରୋଧ କରାଗଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo